## ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ପୁଲଓ୍ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



**ରାଉରକେଲା, ୧୫।୨(ସମିସ) :** ରାଉରକେଲା ଫ୍ରେଣ୍ଡସ୍ କ୍ଲବ ତରଫରୁ ପୁଲଓ୍ୱାମା ସହିଦଙ୍କୁ ସେକ୍ଟର ୭/୧୭ ଛକଠାରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ ଫ୍ରେଣ୍ଡସ୍ କ୍ଲବର ସଦସ୍ୟମାନେ ସହିଦ ହୋଇଥିବା ଯବାନମାନଙ୍କ ସ୍ମୃତି ଓ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଲେଖା ଥିବା ପ୍ଲା କାର୍ଡ ଧରି ନୀରବ ପ୍ରାର୍ଥନା କରିଥିଲେ। ସମାଜସେବୀ ନିରଞ୍ଜନ ସାମଲ ପୁଲଓ୍ୱାମାର ସହିଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାସହ ସେ ଘଟଣାର ଅବତାରଣା କରି ଦୃଢ଼ନିନ୍ଦା କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। କ୍ଲବ୍‌ର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦାସ, ନିର୍ମଳ ଦାସ, ସାଗରିକା ଦାସ, ନିହାରିକା ଦାସ, ଅଜିତ ପନ୍ନା, ପଙ୍କଜ ପାଢ଼ୀ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

## ବିଦ୍ୟାର୍ଥୀମାନେ ପାଠ ସହ ସାମାଜିକ କାର୍ଯ୍ୟରେ ସାମିଲ ହେବା ଉଚିତ

**ରାଉରକେଲା, ୧୫।୨(ସମିସ)**

ସ୍ଥାନୀୟ ସେକ୍ଟର -୨୦ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷା ମଞ୍ଜୁଲତା ଦେହୁରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ପାଠପଢ଼ା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ ଏବଂ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ନିଜର କୃତିତ୍ୱ ପ୍ରଦର୍ଶନ କରିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମୁନିସପାଲ କଲେଜର ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ଯୋଗ ଦେଇ ନିଜ ଭିତରେ ଥିବା ସୃଜନଶୀଳତାର ବିକାଶ ପାଇଁ ସଂକଳ୍ପବଦ୍ଧ ହେବା




ଉଚିତ୍ ବୋଲି ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସତ୍ୟାନନ୍ଦ ବେହେରା ଯୋଗ ଦେଇ କହିଲେ, ଛାତ୍ରଛାତ୍ରୀମାନେ ଆଗାମୀ ଦିନର ଏକ ସୁସ୍ଥ ସମାଜ ଗଠନରେ କୃତୀ ହେବା ଆବଶ୍ୟକ ବୋଲି କହିଥିଲେ। ନୋଡାଲ ଅଫିସର ପ୍ରଦୀପ କୁମାର ଗିରିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ କଲେଜର ପୂର୍ବତନ ଅବସରପ୍ରାପ୍ତ ଅଧ୍ୟକ୍ଷ ବ୍ରଜେଶଚନ୍ଦ୍ର ପାଠକ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ସହିତ ମାତୃଭାଷା ପ୍ରତି ସମସ୍ତଙ୍କ ଅନୁରାଗ ରହିବା ଉଚିତ୍ ବୋଲି କହିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ଓ ସାମାଜିକ କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତଦୁଇ ପ୍ରଥମ ବର୍ଷର ଛାତ୍ରୀ ସ୍ୱାତୀ ମିଶ୍ର, ଅନ୍ୱେଷା ନାୟକ ଓ ଛାତ୍ର ଅଜୟ ଯାଦବଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବକ ଭାବେ ମାନପତ୍ର ଓ ଫଳକ ପ୍ରଦାନ କରାଯାଇ ଥିଲା। ଏହି ଅବସରରେ କଳାକାର, ନାଟ୍ୟ ନିର୍ଦ୍ଦେଶକ ପଞ୍ଚାନନ ପାତ୍ରଙ୍କୁ କଲେଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏସଡିଏସଇର ନିର୍ଦ୍ଦେଶକ ବିକାଶ ପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନାଟକ 'ଆମେ ବିଜ୍ଞାନ ଯୁଗର' ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

## ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ



**ରାଉରକେଲା, ୧୫।୨(ସମିସ):** ଯୁକ୍ତଦୁଇ ବର୍ଗର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ରାଣୀ ଲକ୍ଷ୍ମୀବାଈ ଆତ୍ମ ପ୍ରଶିକ୍ଷଣ ଯୋଜନା। ଏହି କୌଶଳ ମାଧ୍ୟମରେ ଛାତ୍ରୀମାନଙ୍କୁ ସଶକ୍ତ କରାଯିବା ସହ ସେମାନଙ୍କ ଉପରେ ହେଉଥିବା ଶରୀରିକ ଆକ୍ରମଣକୁ ସେମାନେ ପ୍ରତିହତ କରିବା ସହ ନିଜକୁ ସୁରକ୍ଷିତ ରଖିପାରିବେ। ଏହା ସହିତ ବାଳିକାମାନେ ନିଜକୁ ବିଭିନ୍ନ ସମୟରେ ସୁରକ୍ଷିତ ରଖିବା ପାଇଁ ନିଜ ମଧ୍ୟରେ ମାନସିକ ଭାବେ ଦୃଢ଼ ହୋଇପାରିବେ। ଏହି କ୍ରମରେ ରାଉରକେଲାର ପାନପୋଷସ୍ଥିତ ସରକାରୀ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଈ ଆତ୍ମ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ନୋଡାଲ ଅଧିକାରୀ ଅଧ୍ୟାପିକା ମମତା ବାକ୍ସଲା ଏବଂ ସଂଯୋଜିକା ନମିତା ସ୍ୱାଇଁଙ୍କ ସଂଯୋଜନାରେ ପ୍ରଫେସର ଡ. ବିଜୟ କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ମୋଟ ୧୫ଟି କାର୍ଯ୍ୟ ଦିବସ ପାଇଁ ହୋଇଥିବା ଏହି ଶିବିର ମାଧ୍ୟମରେ ଯୁକ୍ତଦୁଇ ବର୍ଗର ଶତାଧିକ ଛାତ୍ରୀ ଉପକୃତ ହୋଇଥିବା ଜଣାପଡ଼ିଛି। ଏହି ଶିବିରକୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ ଓସେପା ପକ୍ଷରୁ ନିଯୁକ୍ତ ପ୍ରଶିକ୍ଷିକା ଦୁଲାଣି ମୁଣ୍ଡାରି ଓ ମହିମା ସୁନ୍ଦରୀ ମଲ୍ଲିକ ପରିଚାଳନା କରିବା ସହ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଜରିଆରେ ଛାତୀମାନଙ୍କୁ ଖେଳକୁଦ ସହିତ ସ୍ୱାସ୍ଥ୍ୟପ୍ରତି ସଚେତନତା ବାର୍ତ୍ତା ଦିଆଯାଇଥିଲା।

## ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକ ଉତ୍ସବ

**ରାଉରକେଲା, ୧୫।୨(ସମିସ):** ସଙ୍ଗୀତ ଶିଳ୍ପୀ ସମାଜର ୩୧ତମ ବାର୍ଷିକ ଉତ୍ସବ ସେକ୍ଟର - ୨୦ ଡି ବ୍ଲକ ସ୍ଥିତ ସୋମନାଥ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲା ତଥା ରାଉରକେଲା ବାହାରୁ ୧୫୦ରୁ ଉର୍ଦ୍ଧ୍ୱ କଳାକାର ଯୋଗଦାନ କରି ସେମାନଙ୍କର କଳାନୈପୁଣ୍ୟର ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୋମନାଥ ମହାପ୍ରଭୁଙ୍କ ପ୍ରତିନିଧି ଏବଂ ଆମନ୍ତ୍ରିତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ପ୍ରୋଜେକ୍ଟ ବିଭାଗର ସିଜିଏମ୍ ଡ. ଗିରିଜା ଶଙ୍କର ଦାସ ଓ ରାଉରକେଲା ଚେମ୍ବର ଅଫ୍ କମର୍ସର ଅଧ୍ୟକ୍ଷ ସୁନୀଲ କୟାଲ ଯୋଗ ଦେଇଥିଲେ। ମନ୍ଦିର ମ୍ୟାନେଜିଂ କମିଟିର ସଭାପତି ଅଜୟ ଭୋଇ ଏବଂ ଟ୍ରଷ୍ଟି ରମେଶ ସେଠୀ ଅତିଥିମାନଙ୍କୁ ପ୍ରଭୁ ସୋମନାଥ ମହାପ୍ରଭୁଙ୍କ ଆଜ୍ଞାମାଳ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପଣ୍ଡିତ ଅଜୟ ପାଣି ଶ୍ଳୋକ ଉଚ୍ଚାରଣ କରିଥିଲେ। ଅନୁଷ୍ଠାନର ସଭାପତି ଶରତ ଧଳ ସ୍ୱାଗତ ଭାଷଣ ପ୍ରଦାନ ସହିତ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ଭଞ୍ଜ କଳା କେନ୍ଦ୍ରର ଶିଳ୍ପୀମାନେ ମା ସରସ୍ୱତୀଙ୍କ ବନ୍ଦନା ପରିବେଷଣ କରିଥିଲେ। ଏହି ଅବସରରେ ରାଉରକେଲାର ବରିଷ୍ଠ ତବଲା ବାଦକ ଗୁରୁ ରଞ୍ଜନ କୁମାର ସାହୁ ଏବଂ ଭୁବନେଶ୍ୱରର ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କୁ 'ବାଗ୍‌ଦେବୀ ସମ୍ମାନ 'ରେ ସମ୍ମାନିତ କରାଯାଇଥିଲା। ଆର୍ଟ ଅଫ ଲିଭିଂର ବରିଷ୍ଠ ପ୍ରଶିକ୍ଷକ ରଶ୍ମୀରଞ୍ଜନ ଦାସ ମଞ୍ଚ ପରିଚାଳନା କରିବା ସହିତ ମାନପତ୍ର ପାଠ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ସୁବ୍ରତ ଭୂୟାଁ ଓ ଗୁରୁ ମୃତ୍ୟୁଞ୍ଜୟ ବାସାଙ୍କ ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କବିଚନ୍ଦ୍ର କଳାକେନ୍ଦ୍ରର ଶିଳ୍ପୀମାନେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ, ଗୁରୁ ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶନାରେ ସପ୍ତସ୍ୱର କଳା ନିକେତନର ଶିଳ୍ପୀମାନେ ଓଡ଼ିଶୀ ନାଟ୍ୟାଙ୍ଗ ଓ ଚମ୍ପୁ, ଗୁରୁ ପ୍ରଫୁଲ୍ଲ ମଙ୍ଗଳଙ୍କ ନିର୍ଦ୍ଦେଶନାରେ ଶ୍ରୀ ସିଦ୍ଧି ଏକାଡେମୀ ଅଫ୍ ଆର୍ଟର ଶିଳ୍ପୀ ମାନେ ଗୀତଗୋବିନ୍ଦ ଗାନ କରିଥିଲେ। ସେହିପରି ଗୁରୁ ନରସିଂହ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ସ୍ୱରବ୍ରହ୍ମର ଶିଳ୍ପୀମାନେ ଛାନ୍ଦ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ମନବୋଧ ମିଶ୍ର, ଗୁରୁ ନରେନ୍ଦ୍ର ନାୟକ, ଗୁରୁ ଜଗନ୍ନାଥ ଦାସ, ଗୁରୁ ବିଭୂତି ପତି, ବଂଶୀଧର ସାହୁ, ଗୁରୁ ଗୌରାଙ୍ଗ ମଲ୍ଲିକ, ଗୁରୁ ପଦ୍ମନାଭ ନାୟକ, ଗୁରୁ ନୃସିଂହ ଚରଣ ସାହୁ, ଗୁରୁ ପଞ୍ଚାନନ ମଲ୍ଲିକ, ରଜତ ପଣ୍ଡା, ଗୁରୁ ସୁରଜ କୁମାର ସରାଫ, ଦିଲ୍ଲୀପ ପତି, ଦିଲ୍ଲୀପ ମଙ୍ଗଳ, ଦିବ୍ୟାଂଶୁ ମଙ୍ଗଳ, ଶ୍ରୀତମ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟର ଶିଳାନ୍ୟାସ




**ରାଜଗାଙ୍ଗପୁର, ୧୫।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ଓ ପୌରପାଳିକା ଅଧୀନ ବିଭିନ୍ନ ମନ୍ଦିରର ଉନ୍ନୟନ କାର୍ଯ୍ୟର ବିଧାୟକ ଡା. ରାଜନ ଏକ୍କା ଆଜି ଶିଳାନ୍ୟାସ କରିଥିଲେ। ୱାର୍ଡ ନମ୍ବର ୭ କୁଣ୍ଡୁପଡ଼ା ରାଧାକୃଷ୍ଣ ମନ୍ଦିର ପାଇଁ ୨ ଲକ୍ଷ, କୁମାରକେଲା ଜଗନ୍ନାଥ ମନ୍ଦିର ପାଇଁ ୩ ଲକ୍ଷ, ବାବା ସ୍ୱପ୍ନେଶ୍ୱର୍ ମନ୍ଦିର କୁଣ୍ଡୁ ପଡ଼ା, ଗାୟତ୍ରୀ ମନ୍ଦିର ଭଙ୍ଗାପଡ଼ା, ରାଧାକୃଷ୍ଣ ମନ୍ଦିର ଆଇଟି କଲୋନୀ, କାଳୀମନ୍ଦିର ରାଠୋର କଲୋନୀ, ବାରୁପଡ଼ା ରୋଡ, ଲିପ୍ଲୋଇ ଜଗନ୍ନାଥ ମନ୍ଦିର କ୍ଲବ୍ ଗୃହ ପାଇଁ ୩ ଲକ୍ଷ। ପାନପଡ଼ା ଗ୍ରାମ ଦେବସ୍ଥଳି ପାଇଁ ୩ ଲକ୍ଷ ଓ ପୌରାଞ୍ଚଳ ସହିତ ରାଜଗାଙ୍ଗପୁର ବ୍ଲକରେ ବିଭିନ୍ନ ସାମାଜିକ ଉନ୍ନୟନ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକ୍ରମରେ ବିଧାୟକ ଡାକ୍ତର ରାଜନ ଏକ୍କା, ପୌରପାଳିକା ବିଧାୟକ ପ୍ରତିନିଧି ଦେବରଞ୍ଜନ୍ ବିନୋଦ, ବ୍ଲକ ପ୍ରତିନିଧି ଅରୁଣ ସାମଲ, ଅକ୍ଷୟ ନାୟକ, ସୁଧୀର ତନ୍ତୀଙ୍କ ସହିତ ସମାଜସେବୀ ଗଣେଶ ଦୁବେଙ୍କ ସହ ଶତାଧିକ ଗ୍ରାମବାସୀ ଓ ଜନସାଧାରଣ ଯୋଗଦେଇ ଥିଲେ।

## ପୁଲଓ୍ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି




**ରାଉରକେଲା, ୧୫।୨(ସମିସ):** ୨୦୧୯ ଫେବୃଆରୀ ୧୪ ତାରିଖ ଜମ୍ମୁ ଓ କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ୪୦ ଭାରତୀୟ ଯବାନ ସହିଦ ହୋଇଥିଲେ। ଏହି ସହିଦମାନଙ୍କ ସ୍ମୃତିରେ ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରମାନେ ମହମବତି ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅଜୟ ବେହେରା, ପ୍ରଦୀପ ଖେସ୍, ସୁବ୍ରତ ନାୟକ, ଶୁଭ୍ରାଂଶୁ ଦେହୁରୀଙ୍କ ସମେତ ଛାତ୍ର ବିଶ୍ୱଜିତ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଛାତ୍ର ଓ ଅଧ୍ୟାପକମାନେ ସହିଦମାନଙ୍କ ସ୍ମୃତିଚାରଣ କରିଥିଲେ। 'ସହିଦ ଯବାନ ଅମର ରହେ' ସ୍ଲୋଗାନ ଦିଆଯିବା ସହ ମହାବିଦ୍ୟାଳୟ ମୁଖ୍ୟ ପ୍ରବେଶ ପଥ ନିକଟରେ ସହିଦମାନଙ୍କ ଉଦ୍ଦେଶ୍ୟରେ ମାନବଶୃଙ୍ଖଳ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ରାବାସ ଅନ୍ତେବାସୀଙ୍କ ସହ ଛାତ୍ରାବାସର ଭାରପ୍ରାପ୍ତ ଅଧିକାରୀମାନେ ଯୋଗଦେଇଥିଲେ।

## କ୍ୟାଣ୍ଡେଲ ଶୋଭାଯାତ୍ରାରେ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ବଣାଇ, ୧୫।୨(ସମିସ):** ପୁଲଓ୍ୱାମା ଆକ୍ରମଣରେ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବଣାଇଁ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଦେଓଗାଁ ଛକ ଠାରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଏହି ଦିନକୁ କଳାଦିବସ ଭାବେ ପାଳନକରି କମିଟି ସଦସ୍ୟଙ୍କ ସହିତ ବଣାଇଁର ଜନସାଧାରଣ ସ୍ୱତଃପ୍ରୋତଃ ଭାବେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




## ବାସନ୍ତୀ ପାଠାଗାରର ୩୮ତମ ବାର୍ଷିକୋତ୍ସବ




**ରାଉରକେଲା, ୧୫।୨(ସମିସ)**

ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାରର ୩୮ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବାସନ୍ତୀ ପାଠାଗାରର ସାହିତ୍ୟ ପ୍ରତି ପ୍ରତିବଦ୍ଧତା ଓ ସାମାଜିକ କାର୍ଯ୍ୟପ୍ରତି ଦାୟିତ୍ୱବୋଧକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ପାଠାଗାର ପାଇଁ ଆବଶ୍ୟକତା ହେଉଥିବା କମ୍ପ୍ୟୁଟର ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ଡା. ସମୀର ପାତ୍ର, ଶିକ୍ଷାବିତ ଆଶୁତୋଷ ମହାପାତ୍ର ଯୋଗ ଦେଇ ପାଠକଙ୍କ ଉପରେ ଇ-ପୁସ୍ତକର କୁପ୍ରଭାବ ଉପରେ ଆଲୋଚନା କରି କହିଲେ ଇ-ପୁସ୍ତକ କେବେ ବି ସାଧାରଣ ପୁସ୍ତକ ସହ ସମକକ୍ଷ ହୋଇପାରିବ ନାହିଁ। ସମ୍ମାନିତ ବକ୍ତା ଭାବେ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ ଯୋଗଦେଇ ପଠନ, ଲିଖନ, ଶୁଣିବା ଉପରେ ଗୁରୁତ୍ୱାରୋପ କରିବା ସହ ରାଜନୀତି ଦୁର୍ବଳ ହେଲେ ସାହିତ୍ୟ ସାହାରା ହୋଇଥାଏ ବୋଲି ମତ ରଖିଥିଲେ। ସଭାପତି ଡ଼ଃ ସାମନ୍ତରାୟ ସ୍ୱାଗତ ଭାଷଣ ରଖିଥିବା ବେଳେ ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। କନକଲତା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଭା ସମ୍ପନ୍ନ ଖେଳାଳି ସୁମିତ କୁମାର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପାଠାଗାର ପକ୍ଷରୁ ପ୍ରକାଶିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନେ ପୁରସ୍କୃତ କରିଥିଲେ। ପାଠାଗାରର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ମାନପତ୍ର ପଠନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିୟା ପାତ୍ର, ସୁବାସିନୀ ସାହୁ, ସଞ୍ଜୟ ମିଶ୍ର, ପ୍ରକାଶ ପାଢ଼ୀ, ବସନ୍ତ ମହାରଣା, ସରୋଜ ପାତ୍ର, ଅରବିନ୍ଦ ପାତ୍ର ପ୍ରମୁଖ ସହଯୋଗ କରିଥିବାବେଳେ ସହରର ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଅଭୟ ଦାସ, ବ୍ରଜେନ୍ଦ୍ର ଦାଶ, ରାଜୀବ ପାଣି, ଜୟଶ୍ରୀ ଦାସ, ହରିହର ଶତପଥୀ, ରାଧାମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ରାଉରକେଲା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଏପାଖ ସେପାଖ...

## ● ଷ୍ଟାଡିୟମ ଖାଁ ଖାଁ

ହକି ପ୍ରୋ ଲିଗ୍ ତୃତୀୟ ଦିନର ପ୍ରଥମ ମ୍ୟାଚ୍ ଅପରାହ୍ନ ସାଢେ ୧ଟା ବେଳେ ଆମେରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚ୍ ଅପରାହ୍ନ ସାଢ଼େ ୩ଟାବେଳେ ଚାଇନା ଓ ନେଦରଲାଣ୍ଡ ମଧ୍ୟରେ ହୋଇଥିଲା। ଏହି ଦୁଇଟି ମ୍ୟାଚ୍ ଦେଖିବାକୁ ଦର୍ଶକମାନଙ୍କ ମଧ୍ୟରେ ଏତେଟା ସ୍ପୃହା ପରିଲକ୍ଷିତ ହୋଇ ନ ଥିଲା। ପ୍ରାୟ ୨୦ ପ୍ରତିଶତ ଦର୍ଶକଙ୍କ ଉପସ୍ଥିତି ରହିଥିବାରୁ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଆଜି ସମ୍ପୂର୍ଣ୍ଣ ଖାଁ ଖାଁ ଲାଗିଥିଲା।

## ● ଟିକଟ କାଉଁଟର ଫାଙ୍କା

ଆଜିର ହକି ଉତ୍ସାହ ସମ୍ପୂର୍ଣ୍ଣ ଫିକା ପଡ଼ିଥିଲା। ଷ୍ଟାଡିୟମ୍ ବାହାରେ ଓ ଭିତରେ ଲୋକଙ୍କ ଦେଖା ମିଳିନଥିଲା। ଟିକେଟ ବିକ୍ରୀ କାଉଣ୍ଟର ଖାଲି ଲାଗୁଥିଲା ଖାଁ ଖାଁ।

## ● ଅଧିକାଂଶ ଛାତ୍ରଛାତ୍ରୀ

ସ୍ୱଳ୍ପ ଦର୍ଶକଙ୍କ ମଧ୍ୟରେ ଷ୍ଟାଡିୟମ୍‌ରେ ଅଧିକାଂଶ ଥିଲେ ସ୍କୁଲର ଛାତ୍ରଛାତ୍ରୀ। ହକି ଖେଳ ଆରମ୍ଭ ହେବା ଦିନଠୁ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ପକ୍ଷରୁ ମ୍ୟାଚ୍ ଦେଖିବାକୁ ବନ୍ଦୋବସ୍ତ କରାଯାଇଥିବା ପରିପ୍ରେକ୍ଷୀରେ ଆଜି ମଧ୍ୟ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ମ୍ୟାଚ୍ ଦେଖିବାର ସୁଯୋଗ ଦିଆଯାଇ ଥିଲା। ତେବେ ଲୋକଙ୍କ ଅପେକ୍ଷା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ରହିଥିବା ପରିଲକ୍ଷିତ ହୋଇଥିଲା।

## ● ସେଲ୍‌ଫି ନାହିଁ କି ତ୍ରିରଙ୍ଗା ଚିତ୍ର ନାହିଁ

ହକି ଖେଳ ଆରମ୍ଭ ହେବା ଦିନ ଠାରୁ ଷ୍ଟାଡିୟମ୍ ବାହାରେ ଲୋକଙ୍କ ଗହଳି ଦେଖା ଦେଇଥିଲା। କିଏ ଷ୍ଟାଡିୟମ୍ ବାହାରେ ଛିଡ଼ା ହୋଇ ସେଲଫି ନେବାକୁ ଆସୁଥିଲେ ତ ଆଉ କିଏ ବୁଲିବାକୁ ଆସୁଥିଲେ। ଧାଡିରେ ଛିଡା ହୋଇଥିବା ଦର୍ଶକଙ୍କ ଗାଲରେ ତ୍ରିରଙ୍ଗା ଚିତ୍ର କରିବା ପାଇଁ ଚିତ୍ରକରଙ୍କର ବି ଦେଖା ନଥିଲା। ଷ୍ଟାଡିୟମ୍ ଭିତରେ ହେଉ କି ବାହାରେ ଏକ ପ୍ରକାର ଜନଶୂନ୍ୟ ପାଲଟି ଯାଇଥିଲା।

## ● ଦର୍ଶକଙ୍କ ଠାରୁ ସୁରକ୍ଷା କର୍ମୀ ଅଧିକ

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଆଜିର ୨ଟି ମ୍ୟାଚରେ ସୁରକ୍ଷିତ ଆୟୋଜନ ପାଇଁ ବ୍ୟାପକ ପୁଲିସ ଅଫିସର, କର୍ମଚାରୀ ଓ ଗୃହରକ୍ଷୀ କର୍ମଚାରୀମାନେ ନିୟୋଜିତ ହୋଇଥିଲେ। ହେଲେ ଆଜି ଦର୍ଶକଙ୍କ ମରୁଡ଼ି ଥିବାରୁ ସୁରକ୍ଷା କର୍ମୀଙ୍କ ସଂଖ୍ୟା ଦର୍ଶକଙ୍କ ଠାରୁ ବେଶୀ ମନେ ହେଉଥିଲା।




















# ଶ୍ରମ ମନ୍ତ୍ରୀଙ୍କ ଦ୍ୱାରା ଇଏସ୍‌ଆଇ ଡିସ୍ପେନ୍‌ସାରୀ ଉଦ୍‌ଘାଟିତ

**ବଣାଇଁ, ୧୫।୨(ସମିସ)**



ବଣାଇଁର ଇଏସ୍‌ଆଇ ଡିସ୍ପେନସାରୀ ଶ୍ରମ ଓ କର୍ମଚାରୀ ଭବିଷ୍ୟନିଧି ବିଭାଗ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବଣାଇଁବାସୀଙ୍କ ଦୀର୍ଘ ଦିନ ର ଦାବି ଥିବା ଏହି ସୁବିଧା ପାଇବା ପାଇଁ ନିକଟ ଅତୀତରେ ୫-ଟି ଅଧ୍ୟକ୍ଷଙ୍କ ବଣାଇଁ ଗସ୍ତ ସମୟରେ ପୁନଃ ଦାବି ହେବାପରେ ସରକାର ଶିଳ୍ପ ତଥା ଖଣି ସମୃଦ୍ଧ ବଣାଇଁ ଉପଖଣ୍ଡରେ ଦୁଇଟିଇ ଏସ୍‌ଆଇ ହସ୍‌ପିଟାଲ ସ୍ଥାପନ ନେଇ ସ୍ୱୀକୃତି ପ୍ରଦାନ କରିଥିଲେ। ଏହା ବାସ୍ତବ ରୂପ ନେଇଛି। ଲୁହାପଥର ଓ ସ୍ପଞ୍ଜ ଆଇରନ ଉତ୍ପାଦନରେ ରାଜ୍ୟରେ ବଣାଇଁ ଅନ୍ୟତମ ଅଞ୍ଚଳ। ଏଠାରେ ଅନେକ ଛୋଟ ବଡ଼ ଶିଳ୍ପାନୁଷ୍ଠାନ ସମେତ ଅନେକ ପାୱାର ପ୍ଲାଣ୍ଟ ରହିଛି। ବଣାଇଁ ଅଞ୍ଚଳରେ ରେଳ ବିଭାଗର କାର୍ଯ୍ୟସହ ଲଜିଷ୍ଟିକ ଓ ଅନ୍ସିଲାରୀ ଇଣ୍ଡଷ୍ଟ୍ରିର କାମ ବଢ଼ାଇଥିବାରୁ ଶ୍ରମିକ ମାନଙ୍କ ଚାହିଦା ବୃଦ୍ଧି ପାଇଛି। ସେହି ଦୃଷ୍ଟିରୁ ଇଏସଆଇ ଡିସ୍ପେନସାରୀ ଶ୍ରମିକ ତଥା ସେମାନଙ୍କ ପରିବାରର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଚିକିତ୍ସା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଛନ୍ତି। ଏହି ଇଏସ୍‌ଆଇ ଡିସ୍ପେନସାରୀ ହେବାଫଳରେ ବଣାଇଁ ଅଞ୍ଚଳର ଶହ ଶହ ସଂଖ୍ୟାରେ ଶ୍ରମିକ ଓ କର୍ମଚାରୀ ଉପକୃତ ହେବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ନୂତନ କୋଠା ନିର୍ମାଣ ପୂର୍ବରୁ ସାମୟିକ ଭାବେ ବର୍ତ୍ତମାନ ସହରସ୍ଥିତ ପୁରାତନ ଟାଉନ ପ୍ରାଥମିକ ବିଦ୍ୟାଳୟ କୋଠାକୁ ରୂପାନ୍ତର କରି ଏହା ଆରମ୍ଭ କରାଯାଇଥିବାବେଳେ ଖୁବଶୀଘ୍ର ନୂତନ ଗୃହରେ ଏହା ଚାଲିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ ସ୍ପଷ୍ଟ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ଜିଲ୍ଲାପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ, ବଣାଇଁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଓଡ଼ିଶା ନିର୍ଦ୍ଦେଶକ କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଶୋକ କୁମାର ପଣ୍ଡା, କ୍ଷେତ୍ରୀୟ ନିର୍ଦ୍ଦେଶକ କର୍ମଚାରୀ ରାଜ୍ୟ ବୀମା ନିଗମ ସୁକାନ୍ତ ଚନ୍ଦ୍ର ଦାସ, ବଣାଇଁ ବିଡିଓ ଦିବ୍ୟ ଶଂକର ଜୟପୁରିଆ, ଇଏସ ଆଇ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ନାୟକ, କନିଷ୍ଠ ସହାୟକ ମିସ କମଳ କେଶୋରୀ ଖାଲକୋ, ଔଷଧ ବିତରକ ମିସ ସସ୍ମିତା ବେହେରା, ସୂଚନା ଲୋକସମ୍ପର୍କ ବିଭାଗର ପୁଷ୍ପାଞ୍ଜଳି ସାହୁ, ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭଡ଼ାରେ ଘର ଦେବାକୁ କହି ଠକେଇ

**ରାଉରକେଲା, ୧୫।୨(ସମିସ):** ବାସନ୍ତୀ କଲୋନୀ ଅଞ୍ଚଳରେ ଭଡ଼ାରେ ଘର ଦେବାକୁ କେହି ଜଣେ ଯୁବକଙ୍କ ଠାରୁ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି। ଉଦିତନଗର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ବାସନ୍ତୀ କଲୋନୀ ଅଞ୍ଚଳରେ ଏକ ଭଡ଼ା ଘରେ ଏକ ପରିବାର ବାସ କରନ୍ତି। ଗତ କିଛି ଦିନ ପୂର୍ବେ ଅନ୍ୟ ଏକ ଭଡ଼ା ଘରେ ରହିବାକୁ ପରିବାର ଯୋଜନା କରିଥିଲେ। ଏହି କ୍ରମରେ ପରିବାରର ଜଣେ ସଦସ୍ୟ ଡିଏଲ ଛକ ନିକଟ ଏକ ଘରେ ଭଡ଼ା ନେବାକୁ ଜଣେ ଯୁବକଙ୍କ ସହ କଥା ହୋଇଥିଲେ। ସମ୍ପୃକ୍ତ ଯୁବକ ନିଜକୁ ଘରର ମାଲିକ ବୋଲି ପରିଚୟ ଦେଇ ଅଗ୍ରୀମ ପ୍ରାୟ ୧୩ ହଜାର ଟଙ୍କା ଦାବି କରିଥିଲେ। ତେବେ ଘର ଭଡ଼ା ନେବାକୁ ଥିବା ଯୁବକ ଜଣକ ଦାବି ମୁତାବକ ଟଙ୍କା ଦେଇଥିଲେ। ଏହାରି ମଧ୍ୟରେ କୌଣସି ସୂତ୍ରରୁ ଟଙ୍କା ଦେଇଥିବା ଯୁବକ ଜଣକ ଠକେଇର ଶିକାର ହୋଇଥିବା ତଥା ସମ୍ପୃକ୍ତ ଠକ ଉକ୍ତ ଘରର ମାଲିକ ନୁହଁ ବରଂ ସେ ନିଜେ ଓ ସାଙ୍ଗ ମାନଙ୍କ ସହ ଭଡ଼ା ଆକାରରେ ରହୁଥିବା ଜାଣିବାକୁ ପାଇଥିଲେ। ଘର ମାଲିକ ସହର ବାହାରେ ରହୁଥିବା ସୁଯୋଗ ନେଇ ଘର ଭଡ଼ା ଦେବାକୁ କହି ଠକେଇ କରିଥିଲେ। ଏହାକୁ ନେଇ ସେ ଟଙ୍କା ଫେରସ୍ତ କରିବାକୁ କହିଥିଲେ ସୁଦ୍ଧା ଆଜିକାଲି କହି ସମୟ ଗଡ଼ାଇ ଚାଲିଥିଲେ। ଶେଷରେ ଥାନାରେ ଯାଇ ଅଭିଯୋଗ କରିବା ପରେ ପୁଲିସ ଠକ ଯୁବକଙ୍କୁ ଡକାଇ ଆପୋଷ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲା। ଅପରପକ୍ଷେ ସମ୍ପୃକ୍ତ ଯୁବକ ପୂର୍ବରୁ ଏଭଳି କିଛି ଲୋକଙ୍କ ଠାରୁ ଠକେଇ କରିଥିବା ବେଳେ ପରବର୍ତ୍ତୀ ସମୟରେ ମାମଲା ଥାନାକୁ ଯାଇଥିଲା। ତେବେ ଆପୋଷ ସମାଧାନ ପରେ ସେ ଟଙ୍କା ଫେରସ୍ତ କରିଥିବା ସୂଚନା ମିଳିଛି।

# କାଲଟା ଘାଟିରେ ଦୁର୍ଘଟଣା; ଚାଳକ ଗୁରୁତର

**କୋଇଡ଼ା, ୧୫।୨(ସମିସ):** କୋଇଡ଼ା ଥାନା କାଲଟା ଘାଟିରେ ଏକ ଦୁର୍ଘଟଣାରେ ଚାଳକ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଲୁହା ପଥର ବୋଝେଇ କରି ଏକ ୧୮ ଚକିଆ ଟ୍ରଲର କୋଇଡାରୁ ରାଉରକେଲା ଅଭିମୁଖେ ଯାଉଥିବାବେଳେ କାଲଟା ଘାଟିରେ ଭାରସାମ୍ୟ ହରାଇ ତା ସମ୍ମୁଖରେ ଯାଉଥିବା ଏକ ୧୬ ଚକିଆ ହାଇୱା ପଛରେ ଦୁର୍ଘଟଣା କରିଥିଲା। ତେବେ ଏହି ଦୁର୍ଘଟଣାରେ ଟ୍ରଲରର ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଟ୍ରଲର ଭିତରେ ଚାପି ହୋଇ ରହି ଯାଇଥିଲେ। ଖବରପାଇ କାଲଟା ଫାଣ୍ଡି ଅଧିକାରୀ ଓ କୋଇଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି କୋଇଡା ଅଗ୍ନିଶ୍ରମ ବିଭାଗ ଦ୍ୱାରା କଟର୍ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ କାଟି ଚାଳକକୁ ଉଦ୍ଧାର କରିଥିଲେ। ଚାଳକକୁ ଗୁରୁତର ଅବସ୍ଥାରେ ପ୍ରଥମେ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# କୋଲ୍ ଆଣ୍ଡ କୋକ୍ ଓ ସିଣ୍ଟର ଦଳ ବିଜୟୀ



**ରାଉରକେଲା, ୧୫।୨(ସମିସ):** କୋଲ୍ ଆଣ୍ଡ କୋକ୍ ଦଳ ଏବଂ ସିଣ୍ଟର ଦଳ ସିନର୍ଜି କ୍ରିକେଟ୍ ଟୁର୍ନାମେଣ୍ଟ-୨୦୨୪ର ଦ୍ୱିତୀୟ ଦିନରେ ନିଜ ନିଜ ପ୍ରାରମ୍ଭିକ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରତିଯୋଗିତା ସେକ୍ଟର - ୬ ଇସ୍ପାତ ଷ୍ଟାଡିୟମ ଠାରେ ଖେଳା ଯାଉଛି। କୋଲ୍ ଆଣ୍ଡ କୋକ୍ ଦଳ ପ୍ରଥମ ମ୍ୟାଚରେ ସର୍ଭିସେସ ଓ ୟୁଟିଲିଟି ଦଳକୁ ୭ ୱିକେଟ୍ ରେ ପରାସ୍ତ କରିଥିଲା। ଟସ୍ ଜିତିବା ପରେ ବୋଲିଂ କରିବାକୁ ଚୟନ କରି କୋଲ୍ ଆଣ୍ଡ କୋକ୍ ଦଳ, ସର୍ଭିସେସ ଓ ୟୁଟିଲିଟି ଦଳକୁ ଧାର୍ଯ୍ୟ ୧୫ ଓଭରରେ ୮ ୱିକେଟ୍ ରେ ୭୬ ରନରେ ସୀମିତ ରଖିଥିଲା। ମହମ୍ମଦ ଆଜମଲ ସୁଦା ଦଳ ପାଇଁ ସର୍ବାଧିକ ୪୩ ରନ ସ୍କୋର କରିଥିଲେ। କୋଲ୍ ଆଣ୍ଡ କୋକ୍ ଦଳ ୭ ୱିକେଟ୍ ହାତରେ ଥାଇ ଲକ୍ଷ୍ୟ ଅତିକ୍ରମ କରିଥିଲେ। ମ୍ୟାଚରେ ୪୧ ରନ ସ୍କୋର କରି ବିଜୟରେ ଭୂମିକା ଗ୍ରହଣ କରିଥିବା କୋଲ୍ ଆଣ୍ଡ କୋକ୍ ଦଳର ହେମନ୍ତ ପିରିଡି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ସିଣ୍ଟର ଦଳ ଖଣି ଦଳକୁ ୫୬ ରନରେ ପରାସ୍ତ କରିଥିଲା। ସିଣ୍ଟର ଦଳ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍ ହରାଇ ୧୪୮ ରନ ସ୍କୋର କରିଥିଲା। ପ୍ରତ୍ୟୁତ୍ତରରେ, ଖଣି ଦଳ ସମସ୍ତ ୱିକେଟ୍ ହରାଇ ୯୨ ରନ କରିଥିଲେ। ଅବିନାଶ ସାହୁଙ୍କୁ ୩୫ ରନର ଇନିଙ୍ଗ୍ସ ପାଇଁ ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା।

DSPL-568

ଓଡ଼ିଶା ସରକାର

**ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ**
**ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା**



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ। ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି। ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍‌ସିତ ସଫଳତା କାମନା କରୁଛି। ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ। ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

## ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ



**ସୁନ୍ଦରଗଡ଼, ୧୫।୨(ସମିସ):** ସୁନ୍ଦରଗଡ଼ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବସ୍ ଟର୍ମିନାଲରେ ୨୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି କାର୍ଯ୍ୟାଳୟ ସହ ବେଦାନ୍ତ ଅନୁଦାନରେ ନିର୍ମିତ ବିଶୁଦ୍ଧ ଶୀତଳ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଲୋକାର୍ପିତ ହୋଇଛି। ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଏବଂ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ରଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଅଶୋକ ଦାସ, ବିଜେଡି ଜିଲ୍ଲା ସଂଖ୍ୟାଲଘୁ ସେଲ୍‌ର ସଭାପତି ହାଜି ଅବଦୁଲ ସଇଦ, ଅଜୟ ପଟେଲ, ବସ୍‌ମାଲିକ ସଂଘ ସଭାପତି ରତନ ଷଡ଼ଙ୍ଗୀ, ସଦସ୍ୟ ଜ୍ଞାନରଞ୍ଜନ ହୋତା, ନନ୍ଦ କିଶୋର ଜୟସ୍ୱାଲ, ପ୍ରଦୀପ ପଟେଲ, ଉଦୟ ଯାଦବ, ଅଜୟ କର, ସିଦ୍ଧେଶ୍ୱର ମିଶ୍ର, ଓମ୍ ପ୍ରକାଶ ଗୁପ୍ତା, ନବୀନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାରେଜ ନିର୍ମାଣରେ ମନ୍ଥରତା ...
# ଇବ୍ ନଦୀରେ ଜଳ ସଙ୍କଟ ଆଶଙ୍କା

**ସୁନ୍ଦରଗଡ଼, ୧୫।୨(ସମିସ)**

ଇବ୍ ନଦୀରେ ବ୍ୟାରେଜ ନିର୍ମାଣରେ ମନ୍ଥରତା ଯୋଗୁଁ ଉତ୍କଟ ଜଳ ସମସ୍ୟାର ସମାଧାନ ହୋଇ ପାରିନାହିଁ। ଫଳରେ ଆଗାମୀ ଗ୍ରୀଷ୍ମ ଋତୁରେ ଏଠାରେ ପୁଣି ଉତ୍କଟ ଜଳସଂକଟର ଆଶଙ୍କା ଦେଖାଦେଇଛି। ଜଳ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ 'କନଷ୍ଟ୍ରକସନ ଅଫ୍ ଇନ-ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର' ଯୋଜନାରେ ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ କୋପସିଙ୍ଗା ଏବଂ କୁଡ଼ାବଗାଠାରେ ଇବ୍ ନଦୀ ଉପରେ ଦୁଇଟି ବ୍ୟାରେଜ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି। ଗତ ୨୦୨୨ ଜାନୁୟାରୀ ୧୦ରେ ଏହି ଦୁଇଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବାବେଳେ ୨ ବର୍ଷ ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖା ଯାଇଥିଲା।



ଏହା ଦ୍ୱାରା ସୁନ୍ଦରଗଡ଼ ପୌରପାଳିକା ସମେତ ସଦର ବ୍ଲକ ଓ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୪୭ ହଜାର ଲୋକ ବିଶେଷ ଉପକୃତ ହେବେ। କୋପସିଙ୍ଗା ବ୍ୟାରେଜ ପ୍ରକଳ୍ପ ଅଧୀନରେ ୧୫ଟି ଗାଁର ପ୍ରାୟ ୨୮ ହଜାର ଲୋକ ଉପକୃତ ହେବା ସହିତ ୩୧୭ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ମିଳିବ। ସେହିପରି କୁଡ଼ାବଗା ବ୍ୟାରେଜ ପ୍ରକଳ୍ପ ଅଧୀନରେ ୨୧ଟି ଗାଁର ପ୍ରାୟ ୧୮ ହଜାର ଲୋକ ଉପକୃତ ହେବେ ଏବଂ ୧୭୧ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିପାରିବ। ଚାଷଜମିକୁ ଜଳସେଚନ ସହ ମତ୍ସ୍ୟ ଚାଷ, ପାନୀୟ ଜଳ ଏବଂ ଗମନାଗମନ ପାଇଁ ମଧ୍ୟ ଏହି ଦୁଇଟି ବ୍ୟାରେଜ ସହାୟକ ହେବ। ମାତ୍ର ଇତିମଧ୍ୟରେ କାମ ସମ୍ପୂର୍ଣ୍ଣୀକରଣର ଲକ୍ଷ୍ୟଧାର୍ଯ୍ୟ ସମୟ ଅତିକ୍ରାନ୍ତ ହୋଇଥିଲେ ହେଁ ପ୍ରକଳ୍ପରେ ବିଶେଷ ଅଗ୍ରଗତି ଘଟି ନାହିଁ। ଏତଦବ୍ୟତୀତ, ରାଜ୍ୟ ସରକାର ସମ୍ପ୍ରତି ଏହି ନଦୀର ଉଷ୍ମା ନଦୀଗର୍ଭ ଜଳାଶୟ ପ୍ରକଳ୍ପ ପାଇଁ ୨୬୨.୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଉକ୍ତ ନୂତନ ପ୍ରକଳ୍ପ ଦ୍ୱାରା ଟାଙ୍ଗରପାଲି, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ବ୍ଲକର ଲୋକେ ଉପକୃତ ହେବେ। ଏହି ପ୍ରକଳ୍ପ ଜଳସ୍ତର ବୃଦ୍ଧି ସହ ପାନୀୟ ଜଳ ପ୍ରକଳ୍ପ, ଜଳସେଚନ, ମାଛ ଚାଷ, ପଶୁ ପାଳନ ଆଦିରେ ବିଶେଷ ସହାୟକ ହେବ। ଉକ୍ତ ପ୍ରକଳ୍ପର କେବଳ ମୃତିକା ପରୀକ୍ଷା ସରିଥିଲେ ହେଁ କାମ ଆରମ୍ଭ ହୋଇ ନାହିଁ। ଫଳରେ ଇବ୍ ନଦୀରେ ଜଳ ସମସ୍ୟାର ସମାଧାନ ହୋଇପାରି ନାହିଁ। ଇବ୍ ନଦୀ ଶୁଖିଲା ପଡ଼ିଛି। ଫଳରେ ଲୋକେ ପାନୀୟଜଳ ସହ ସ୍ନାନ ଶୌଚ ପାଇଁ ଗ୍ରୀଷ୍ମ ଋତୁରେ ହନ୍ତସନ୍ତ ହେବାରେ ଲାଗିଛନ୍ତି। ଏହି ନଦୀ କୂଳରେ ସ୍ଥାପିତ ବିଭିନ୍ନ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। କିଛି ଆଗ୍ରହୀ ଚାଷୀ ପେଟପାଟଣା ପାଇଁ ବାଲିରେ ଗାତ କରି ଛୋଟ ଛୋଟ ପ୍ରକଳ୍ପ ଗୁଡିକୁ ଚଳାଇବା ସହ ନାମକୁ ମାତ୍ର କିଛି ପନି ପରିବା ଚାଷ କରୁଥିବା ଦେଖିବାକୁ ମିଳୁଛି। ତେବେ ଆଗାମୀ ଦିନରେ ଏହା ମଧ୍ୟ ଶୁଖି ଯିବାର ସମ୍ଭାବନା ରହିଛି।

## ଆର୍‌ଏସ୍‌ପିରେ ଡିଜିଟାଲାଇଜଡ୍ ୱେବ୍ରିଜ୍ ଉଦ୍‌ଘାଟିତ



**ରାଉରକେଲା, ୧୫।୨(ସମିସ):** ଡିଜିଟାଲାଇଜେସନ୍ ଦିଗରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୧ ସ୍ଲାବ୍ ୟାର୍ଡ ନିକଟରେ ଏକ ଉନ୍ନତିକୃତ ଡିଜିଟାଲାଇଜଡ୍ ଏସଏସଡି ଇନ୍-ମୋସନ୍ ୱେବ୍ରିଜ୍‌କୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ଆର ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇଲେକ୍ଟ୍ରିକାଲ ଓ ପାୱାର ବିଭାଗର ସିଜିଏମ୍ ଇନ୍‌ଚାର୍ଜ ବିଏସ୍ କାର୍ଥା, ସିଜିଏମ ମେକାନିକାଲ ଆର୍‌ଏନ ରାଜେନ୍ଦ୍ରନ୍, ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏମ୍‌ଏନଭିଏସ୍ ପ୍ରଭାକର, ପିପିସି ବିଭାଗର ସିଜିଏମ୍ ସୁନୀତା ସିଂ, ପାୱାର ଡିଷ୍ଟ୍ରିବ୍ୟୁସନ ବିଭାଗର ସିଜିଏମ ଡିକେ ଭଞ୍ଜ ବହୁ ବିଭାଗ ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏସ୍‌ଏମ୍‌ଏସ୍-୧ ଓ ଏସ୍‌ଏମ୍‌ଏସ୍-୨ ପରି ଉତ୍ପାଦନ ୟୁନିଟ୍‌କୁ ସାମଗ୍ରୀ ବିତରଣ କରିବା ସମୟରେ ଟ୍ରେନ୍ ଗତିଶୀଳ ଅବସ୍ଥାରେ ଓଜନ ମାପପାଇଁ ପ୍ରଯୁଜ୍ୟ ରାଇସ୍ ଲେକ ତିଆରି ଆନାଗଲ୍ ୱେବ୍ରିଜ୍ ୧୯୯୫ ମସିହାରେ ସ୍ଥାପିତ ହୋଇଥିଲା। ବିକାଶଶୀଳ ସରକାରୀ ମାନଦଣ୍ଡର ୱେବ୍ରିଜ୍‌ର ନବୀକରଣ ଆବଶ୍ୟକ ଥିଲା ଯାହା ସଠିକ୍ ଓଜନ ଏବଂ ବର୍ଦ୍ଧିତ ତଥ୍ୟ ଅନ୍ତର୍ଭୂକ୍ତିକରଣ ପାଇଁ ଏସ୍‌ଏପି ସହିତ ନିରବିଚ୍ଛିନ୍ନ ଏକୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲା। ନବୀକରଣରେ ଏସ୍‌ଏପି ଯୋଗାଯୋଗ ମଧ୍ୟ ଅନ୍ତର୍ଭୂକ୍ତ ହୋଇଛି, ଓଜନ ତଥ୍ୟକୁ ଏସଏପିକୁ ପ୍ରତ୍ୟକ୍ଷ ପ୍ରସାରଣ ହେଉଛି, ଯାହା ବାସ୍ତବ ସମୟ ତଥ୍ୟ ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଅଟେ। ଏହି ପ୍ରକଳ୍ପରେ ଅପରେସନ ଏବଂ ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ, ସାମଗ୍ରୀ ଏବଂ ଯାନବାହାନର ଗମନାଗମନକୁ ସୁଗମ କରିବା ପାଇଁ ଏକ ନୂତନ ସବୁଦିନିଆ ରାସ୍ତା ନିର୍ମାଣ କରାଯାଇଥିଲା। ଉନ୍ନତ ଡାଇଗ୍ନୋଷ୍ଟିକ୍ ବୈଶିଷ୍ଟ୍ୟ ଏବଂ ସୌନ୍ଦର୍ଯ୍ୟକରଣ ସହିତ କଣ୍ଟ୍ରୋଲ୍ ରୁମକୁ ଏକ ସମ୍ପୂର୍ଣ୍ଣ ନୂତନ ରୂପ ଦିଆଯାଇଥିଲା। ୱେବ୍ରିଜ୍ କଣ୍ଟ୍ରୋଲ୍ ରୁମର ପାରିପାର୍ଶ୍ୱରେ ଚାରାରୋପଣ କରାଯାଇଛି, ଯାହା ଡିଜିଟାଲାଇଜେସନ୍ ପଦକ୍ଷେପରେ ଏକ ପରିବେଶ ଅନୁକୂଳ ସ୍ପର୍ଶ ଯୋଗାଇ ଦେଇଛି।

## ଦେଶବ୍ୟାପୀ ଧର୍ମଘଟ ଆଜି

**ସୁନ୍ଦରଗଡ଼, ୧୫।୨(ସମିସ):** କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କ ସଂଯୁକ୍ତ ମୋର୍ଚ୍ଚା, ସ୍ୱାଧୀନ କର୍ମଚାରୀ ଫେଡେରେସନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟରେ ପରିବହନ, ସ୍କିମ କର୍ମଚାରୀ ଆଶା, ଅଙ୍ଗନବାଡ଼ି, ପାଚିକା, ମନେରେଗା ଶ୍ରମିକ, କୃଷକ, ଛାତ୍ର ସଂଗଠନ, ମହିଳା ସଂଗଠନ, କେନ୍ଦୁପତ୍ର ତୋଳାଳି, ବିଡି ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ, ଟ୍ରକ୍ ଚାଳକ, ବିଭିନ୍ନ ସାଂସ୍କୃତିକ ଆଦି ସଂଗଠନ ଯୋଗ ଦେଇଛନ୍ତି। ସମସ୍ତେ ନିଜର କାର୍ଯ୍ୟ ବନ୍ଦକରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିବାର ନିଷ୍ପତ୍ତି ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଠାରେ ବିଭିନ୍ନ ଦାବି ଉପସ୍ଥାପନ କରାଯିବ। ଏହି ଦାବିଗୁଡ଼ିକ ମଧ୍ୟରେ ସ୍କିମ ୱର୍କରମାନଙ୍କୁ ୱର୍କରର ମାନ୍ୟତା, ମାସିକ ସର୍ବନିମ୍ନମଜୁରୀ ୨୬୦୦୦ ହଜାର ଟଙ୍କା ପ୍ରଦାନ, ସ୍କିମ ୱର୍କରମାନଙ୍କୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି, କର୍ମଚାରୀ ରାଜ୍ୟ ବୀମା, ଗ୍ରାଚ୍ୟୁଟି ଓ ପେନସନ ବ୍ୟବସ୍ଥା, ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧୀ ୪ ଟି ଶ୍ରମ କୋଡ଼ ପ୍ରତ୍ୟାହାର, ଶ୍ରମିକ ଶ୍ରେଣୀ ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନ ପାଇଁ ଶ୍ରମ ବିଭାଗର ସକ୍ରିୟ ହସ୍ତକ୍ଷେପ ବ୍ୟବସ୍ଥା, ପ୍ରାକ୍ ବିଦ୍ୟାଳୟ ଶିଶୁ ଓ ଶିକ୍ଷା ସଙ୍କୋଚନକାରି ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରତ୍ୟାହାର, ଦରଦାମ ବୃଦ୍ଧି ର ନିୟନ୍ତ୍ରଣ, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ ଓ ରାଷ୍ଟ୍ରୀୟ ମୁଦ୍ରିକରଣ, ପାଇପ ଲାଇନ ପ୍ରତ୍ୟାହାର କରି ସ୍ୱାବଲମ୍ବୀ ଅର୍ଥନୀତିକୁ ସୁରକ୍ଷିତ ରଖାଯିବା, କୃଷି ଉତ୍ପାଦନର ସହାୟକ ମୂଲ୍ୟ ପ୍ରଦାନ ପାଇଁ ଏମ୍‌ଏସପି କେନ୍ଦ୍ରୀୟ ଆଇନ ପ୍ରଣୟନ, ପୁରୁଣା ପେନସନ ଯୋଜନା ଲାଗୁ, ବେକାରୀ ସମସ୍ୟାର ଦୂରୀକରଣ ଆଦି ଦାବି ରହିଛି। ଏହି ଧର୍ମଘଟକୁ ଭାରତୀୟ କଂଗ୍ରେସ ଦଳ ସହିତ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ସମର୍ଥନ କରିଛନ୍ତି।

## ଧର୍ମଘଟ ସଫଳ କରିବାକୁ ଆହ୍ୱାନ



**ରାଉରକେଲା, ୧୫।୨(ସମିସ):** ମିଳିତ କେନ୍ଦ୍ରୟ ଟ୍ରେଡ୍ ୟୁନିୟନ, କୃଷକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ମୋଦୀ ସରକାରର ଶ୍ରମିକ, କୃଷକ ବିରୋଧୀ ନୀତି, ତଥା ଜନ ବିରୋଧୀ ନୀତି ବିରୋଧରେ ଦେଶବ୍ୟାପୀ ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଆଜି ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜ୍‌ଦୁର ୟୁନିୟନ(ସିଟୁ) ପକ୍ଷରୁ କଳୁଙ୍ଗା ଶିଳ୍ପାଞ୍ଚଳରେ ମୋଟରସାଇକେଲ ରାଲି ସମସ୍ତ କଳ କାରଖାନା ସମ୍ମୁଖ ଦେଇ ବେଦବ୍ୟାସ ମାର୍କେଟ ଅଞ୍ଚଳ ପରିକ୍ରମା କରିଥିଲା। ଶୁକ୍ରବାର ସଙ୍ଗଠନ ପକ୍ଷରୁ କଳୁଙ୍ଗା ଆଇଡିସି ସମ୍ମୁଖରେ ରାସ୍ତାରୋକ କରାଯିବ ସହିତ, ସ' ମିଲ ଛକ ଠାରେ ଶ୍ରମିକ ମାନେ ଧାରଣା ଦେବେ। ଅପରପକ୍ଷରେ କୁଆଁର ମୁଣ୍ଡା ପୁରୁଣା ପାଣି ରାସ୍ତାକୁ ମଧ୍ୟ ଅବରୋଧ କରାଯିବ। ପାନପୋଷଠାରୁ ଆରମ୍ଭ କରି ବେଦବ୍ୟାସ ଅଞ୍ଚଳରେ ପିକେଟିଂ କରି ସମସ୍ତ ଦୋକାନ ବଜାର ବନ୍ଦ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ମୋଟର ସାଇକେଲ ରାଲିକୁ ସିଟୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ସଙ୍ଗଠନର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲିରେ ଶ୍ରମିକ ନେତା ଅଜିତ ଏକ୍କା, ସମ୍ବିତ ସ୍ୱାଇଁ, ରଞ୍ଜନ ବେହେରା, କ୍ଷୀରୋଦ ବେହେରା, ଅଜିତ ଦାସ, ସିଡିଓ ମୁଣ୍ଡା, ସୁଜିତ ସାମଲ, ଅନିଲ ସାହା, ସରୋଜ ବାର୍ଲା, ଭବାନୀ ସାହୁ, ଡି ଦିବାକର ରାଓ, ଅଜିତ ଚାଣ୍ଡିଲ, ଉମେଶ ସିଂ, ଶୁଧାଂଶ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଭିଏସ୍‌ଏସ୍ ମାର୍କେଟ୍‌ରୁ ବାଇକ୍ ଚୋରି

**ରାଉରକେଲା, ୧୫।୨(ସମିସ):** ମାର୍କେଟ୍‌ରୁ ବାଇକ୍ ଚୋରି ହୋଇଥିବା ନେଇ ଛେଣ୍ଡ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ବାସନ୍ତୀ କଲୋନୀ ଆମ୍ବେଦକର ନଗରରେ ଜୟରାମ ଟେଟେ ରୁହନ୍ତି। ବୁଧବାର ଅପରାହ୍ନ ସମୟରେ ସେ ବାଇକ୍ ଯୋଗେ ପରିବା କିଣିବାକୁ ଭିଏସଏସ ମାର୍କେଟ୍‌କୁ ଆସିଥିଲେ। ପାର୍କିଂସ୍ଥଳରେ ବାଇକ ରଖି ସେ ପରିବା କିଣିବାକୁ ଯାଇ ଫେରିବା ପରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ପାଇ ନ ଥିଲେ। ଏନେଇ ସେ ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ବନ୍ଧୁକ ଦେଖାଇ ଯୁବକଙ୍କୁ ହତ୍ୟା ଧମକ

**କୁତ୍ରା, ୧୫।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ବୁଡ଼ାକଟା ଗ୍ରାମରେ ଜଣେ ଯୁବକଙ୍କୁ ବନ୍ଧୁକ ଦେଖାଇ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିବା ଜାଣିବାକୁ ମିଳିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବୁଡାକଟା ଗ୍ରାମର ପୁରୁଷୋତ୍ତମ ବେହେରା (୩୧) ଘରେ ଥିବା ବେଳେ ମଙ୍ଗଳବାର ରାତି ୯ଟା ସମୟରେ ସେହି ଗ୍ରାମର ବଳବନ୍ତ ସାହୁ(୪୮) ଓ ତାଙ୍କ ପୁଅ ସୁମିତ ସାହୁ(୨୬) ଓ ମାନସ ସାହୁ (୨୦) ପୁରୁଷୋତ୍ତମଙ୍କୁ ଟାଣି ଆଣି ମାରପିଟ୍ କରିବା ସହିତ ବନ୍ଧୁକରେ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ମାତ୍ର ତାଙ୍କ ମାଁ ଏହାର ପ୍ରତିବାଦ କରିବାରୁ ତାଙ୍କ ମାଙ୍କୁ ମଧ୍ୟ ମାର୍‌ପିଟ କରିବା ସହିତ ଗାଳିଗୁଲଜ କରିଥିଲେ। ବୁଧବାର ପୁରୁଷୋତ୍ତମ ଏ ନେଇ କୁତ୍ରା ପୁଲିସ ଷ୍ଟେସନରେ ଏକ ଲିଖିତ ଅଭିଯୋଗ କରିଥିଲେ। କୁତ୍ରା ପୁଲିସ ଅଭିଯୋଗକୁ ଆଧାର ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସମରଡିହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ସୁନ୍ଦରଗଡ଼, ୧୫।୨(ସମିସ):** ସୁନ୍ଦରଗଡ଼ ସଦର ବ୍ଲକର ସମରଡିହି ସ୍ଥିତ ରାଧାକୃଷ୍ଣ କ୍ଲବ୍ ଆନୁକୂଲ୍ୟରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସୁନ୍ଦରଗଡ଼ ସମେତ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଗୋପବନ୍ଧୁ କ୍ଲବ୍ ଗାଇଜୋର ଓ ଲଖନପୁର ମହେଶ ଓ ମନିଷ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଗୋଲ୍ ଶୂନ୍ୟ ଡ୍ର ହେବାରୁ ପେନାଲିଟି ସୁଟ୍ ଆଉଟ କରା ଯାଇଥିଲା। ଏଥିରେ ଲଖନପୁର ଦଳ ୪-୩ ଗୋଲ୍ ରେ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜାତୀୟ ରେଫରୀ ଦୁର୍ଗା ମାଧବ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିଅନ ଲଖନପୁର ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ୧୦ ହଜାର ପୁରସ୍କୃତ କରା ଯାଇଥିଲା। ରେଫରୀ ଲକ୍ଷ୍ମଣ ସେଠ, ନିତ୍ୟାନନ୍ଦ ମେହେର, ବିବେକ ନାଏକ, ଗୋପାଳ ଡେଲକି ଖେଳପରିଚାଳନା କରିଥିଲେ। କ୍ଲବ ସଭାପତି ବିଶିକେଶନ ନାଏକ, ସମ୍ପାଦକ ପ୍ରକାଶ ପଟେଲ, ଆଲୋକ ମାଝୀ, ପ୍ରମୋଦ କୁଲୁ, ସତ୍ୟଜିତ ହାଁସଦା, ଗୋକୁଳ ଭୋଇ, ସନୋଜ କୁଲୁ, ସୁମନ୍ତ କୁଲୁ, ମଣ୍ଟୁ ନାଏକ, ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହୋଇଥିଲା।

### ■ ଉପଖଣ୍ଡସ୍ତରୀୟ ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ
## ବାଦ୍ୟଯନ୍ତ୍ର, ଆଭୂଷଣ, କ୍ରୀଡ଼ା ସାମଗ୍ରୀ ବଣ୍ଟନ

**ବଣାଁଇ, ୧୫।୨(ସମିସ):** ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସୁନ୍ଦରଗଡ଼ ଦ୍ୱାରା ବଣାଇ ରାଜା ଧରଣୀଧର ଖେଳ ପଡ଼ିଆ ଠାରେ ଉପଖଣ୍ଡ ସ୍ତରୀୟ ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଭୂଷଣ, ବାଦ୍ୟଯନ୍ତ୍ର ଓ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସୁନ୍ଦରଗଡ଼ର ଅଧ୍ୟକ୍ଷ ଡ. ବିନୟ କୁମାର ଟପ୍ପୋ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ସାଂଗଠନିକ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଣଜିତ କିସାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୮୦ରୁ ଊର୍ଦ୍ଧ୍ୱ ଜନଜାତି ସାଂସ୍କୃତିକ ନୃତ୍ୟଦଳକୁ ଆଭୂଷଣ ସହିତ ବାଦ୍ୟଯନ୍ତ୍ର ବଣ୍ଟନ କରାଯାଇଥିଲା। ୭୦ ଟି ଫୁଟବଲ ଓ ହକି କ୍ରୀଡ଼ା ଦଳକୁ ଖେଳ ଉପକରଣ ବଣ୍ଟନ କରାଯାଇଥିଲା।



## ଠିକା ଶ୍ରମିକଙ୍କ ବିୟୋଗରେ ଶୋକ



**ରାଉରକେଲା, ୧୫।୨(ସମିସ):** ବାସନ୍ତୀ କଲୋନୀସ୍ଥିତ ଡିଏଭି ପଲିଟେକନିକ ନିକଟରେ ଗତ ୧୨ ତାରିଖରେ ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଠିକା ଶ୍ରମିକ ଅଞ୍ଜୁତୁଲଙ୍କ ମୃତ୍ୟୁ ଘଟିଥିଲା। ଏହି କ୍ରମରେ ଗୁରୁବାର ଉତ୍କଳମଣି ଗୋପବନ୍ଧୁ ମାର୍କେଟ କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟର କାମନା କରାଯାଇଛି। ଏହାସହ ମୃତକଙ୍କ ପରିବାରର ଜଣକୁ ଚାକିରି ସହ ଆର୍ଥିକ ସହାୟତା ରାଶି ଯୋଗାଇ ଦେବାକୁ ଦାବି କରାଯାଇଛି। ଏହି ଅବସରରେ ସମ୍ପାଦକ କହରା ଜେନା, ବାସୁଦେବ ବରାଳ, ବରିଷ୍ଠ ନାଗରିକ ସୁବାସ ନାୟକ, ଭ୍ରମରବର ଦାସ, ସୁମନ୍ତ ବାରିକ, ସୁକାନ୍ତ ମଲ୍ଲିକ, ବାବୁ ସିଂ, ଭଞ୍ଜ ସିଂ, ସୁରେନ୍ଦ୍ର ବାରିକ, ସନ୍ତୋଷ ନାୟକ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



# ବିଦ୍ୟୁତ୍ ଖୁଣ୍ଟ ଓ ଗଛ ନ ହଟାଇ ଚାଲିଛି ପ୍ରଶସ୍ତୀକରଣ

**ସୁନ୍ଦରଗଡ଼, ୧୫।୨(ସମିସ)**

ସୁନ୍ଦରଗଡ଼ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ଦେଉଳୀ ବସ୍‌ଷ୍ଟାଣ୍ଡରୁ ଇତମା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟରେ ରାସ୍ତା ଉପରେ ପଡୁଥିବା ଗଛ ଓ ବିଦ୍ୟୁତ ଖୁଣ୍ଟ ଗୁଡିକୁ ହଟା ଯାଉ ନ ଥିବା ଅଭିଯୋଗ ହେଉଛି। ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ବ୍ଲକରେ ଦେଉଳୀ ବସ୍‌ଷ୍ଟାଣ୍ଡ ଛକ ରହିଥିବା ବେଳେ ବଡଗାଁ ବ୍ଲକରେ ଇତମା ଛକ ରହିଛି। ରାଜ୍ୟ ରାଜପଥର ଉକ୍ତ ୨ ଛକ ମଧ୍ୟରେ ରହିଥିବା ଏହି ଆଭ୍ୟନ୍ତରୀଣ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା ପରେ ପୂର୍ତ୍ତ ବିଭାଗ ପ୍ରଶସ୍ତିକରଣ କାର୍ଯ୍ୟକୁ ହାତକୁ ନେଇଛି। ତେବେ ରାସ୍ତା ଉପରେ ପଡୁଥିବା ଗଛ ଓ ବିଦ୍ୟୁତ ଖୁଣ୍ଟ ହଟା ଯାଉଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଏ ସ୍ଥିତିରେ ଦେଉଳୀ ପଞ୍ଚାୟତବାସୀ ବିଭାଗୀୟ ଅଧିକାରୀଙ୍କ ଠାରେ ଫେରାଦ ହୋଇଛନ୍ତି। ଉକ୍ତ ରାସ୍ତାରେ ପଡୁଥିବା ଦେଉଳୀ ଠାରୁ ରେଙ୍ଗାଲବୁଡ ଯାଏ ଗଛଗୁଡିକୁ କଟା ଯିବା ସହ ବିଦ୍ୟୁତ ଖୁଣ୍ଟଗୁଡିକୁ ସ୍ଥାନାନ୍ତର କରା ଯିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଠାରେ ଲିଖିତ ଦାବି କରା ଯାଇଛି। ଦେଉଳୀ ସରପଞ୍ଚ ନଳିନୀ ପ୍ରଧାନ ଓ ସମିତି ସଭ୍ୟ ମହାଦେବ ମୁଣ୍ଡା ନେତୃତ୍ୱରେ ଗ୍ରାମବାସୀ ଏହି ଦାବି କରିଛନ୍ତି।

## ଟ୍ରେଲରକୁ ପଛରୁ ପିଟିଲା ଟ୍ରେଲର; ଜଣେ ଗୁରୁତର

ସୁନ୍ଦରଗଡ଼, ୧୫।୨(ସମିସ): ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଭେଡାବାହାଲ ନିକଟରେ ଝାରସୁଗୁଡ଼ା ପଟକୁ ମୁହଁ କରି ଠିଆ ହୋଇଥିବା ଟ୍ରେଲରକୁ ପଛପଟୁ ଅନ୍ୟ ଏକ ଟ୍ରେଲର ପଛପଟୁ ଧକ୍କା ଦେଇଥିଲା। ଏଥିରେ ପଛ ପଟୁ ଧକ୍କା ଦେଇଥିବା ଟ୍ରେଲର ଚାଳକଙ୍କ ଗୋଡ଼ ଭାଙ୍ଗି ଗୁରୁତର ଆହତ ହୋଇଛନ୍ତି। ଆଗ ଟ୍ରେଲର ଚାଳକଙ୍କ କିଛି କ୍ଷତି ଘଟି ନ ଥିବା ବେଳେ ଗାଡିର କିନ୍ତୁ ପ୍ରଭୁତ କ୍ଷତି ଘଟିଛି। ଗାଡି ମାଲିକ ଶର୍ମିଷ୍ଠା ପଣ୍ଡାଙ୍କ ଏତଲା କ୍ରମେ ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍

**ସୁନ୍ଦରଗଡ଼, ୧୫।୨(ସମିସ):** ଗୁରୁବାର ମଧ୍ୟାହ୍ନରେ ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ମହେଶଡିହି ନିକଟରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ୍ ଅଭିଯୋଗ ହୋଇଛି। ଝାରସୁଗୁଡ଼ା ଅଞ୍ଚଳର ପ୍ରତିମା ସାହୁ ସୁନ୍ଦରଗଡ଼ ପତ୍ରାପାଲିକୁ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଆସିଥିଲେ। ସେ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ୨ ଜଣ ଦୁର୍ବୃତ୍ତ ଏକ ଆପାଚି ଗାଡିରେ ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ଏହା ପରେ ସେମାନେ ଆଖି ପିଛୁଳାକେ ଚମ୍ପଟ ମାରିଥିଲେ। ମହିଳା ଜଣକ ଏ ନେଇ ଥାନାରେ ତେବେ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପାଣିରେ ବୁଡ଼ି ବୃଦ୍ଧ ମୃତ

**କୁତ୍ରା, ୧୫।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ତୁନମୁରା ଗଣ୍ଡପଡ଼ାଠାରେ ନାଳରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫେବୃଆରୀ ୮ତାରିଖ ଦିନ ତୁନମୁରା ଗଣ୍ଡ ପଡ଼ାର ଶ୍ରୀବତ୍ସ ପଟ୍ଟା(୮୦) ରାତିରେ ଘରୁ କୁଆଡେ ଚାଲିଯାଇଥିଲେ। ଘର ଲୋକ ତାଙ୍କୁ ରାତି ସାର ଖୋଜି ନ ପାଇବା ପରେ ସେ ନିଖୋଜ ଥିବା ନେଇ କୁତ୍ରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଜଣେ ଛେଳି ଚରାଳି ଗାଁ ପାଖ ନକଟି ନାଳରେ ଏକ ଶବ ଭାସୁଥିବା ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। ତାଙ୍କ ଘର ଲୋକ ଦେଖି ଶବଟି ଶ୍ରୀବତ୍ସଙ୍କ ଅଟେ କହିଥିଲେ। ଗାଁ ଲୋକ ଖବର ପାଇ ପୁଲିସକୁ ଖବର ଦେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ ପରେ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ମର୍ଗହାଉସକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପୁଲିସ ଘରଲୋକଙ୍କୁ ଶବ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

ସକାଳ THE SAKALA



# ହାଇଦ୍ରାବାଦରେ ଶ୍ରମିକଙ୍କ ମୃତ୍ୟୁ, ପରିବାରକୁ କ୍ଷତିପୂରଣ ଦାବି

**ଜୟପାଟଣା,୧୫।୨(ସମିସ)**

କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଜୟପାଟଣା ଗାନ୍ଧୀଗ୍ରାମ ପଡ଼ାର ଯୁବକ ଜଗନ୍ନାଥ ପଟେଲ (୩୦)ଙ୍କ ହାଇଦ୍ରାବାଦରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଜଗନ୍ନାଥ ପରିବାର ପ୍ରତିପୋଷଣପାଇଁ ଦୁଇମାସ ତଳେ ହାଇଦ୍ରାବାଦକୁ କାମ କରିବାକୁ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନିରେ କାମ କରୁଥିଲେ। ରବିବାର ରାସ୍ତାରେ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇ ଯାଇଥିଲା। ଠିକାଦାର ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅଧିକ ଅର୍ଥର ଆବଶ୍ୟକ ପଡ଼ିବାରୁ ସେମାନେ ଜଗନ୍ନାଥଙ୍କୁ ଛାଡ଼ି ଚାଲି ଯାଇଥିଲେ। ସମ୍ପର୍କୀୟ ଲୋକେ ତାଙ୍କୁ ନିକଟରେ ଥିବା ସରକାରୀ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା ଜାରି ରଖିଥିବା ସମୟରେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ଶବ ବ୍ୟବଚ୍ଛେଦ ପରେ ଗାଁକୁ ବୁଧବାର ଆଣି ସତ୍କାର କରାଯାଇଛି। ଜଗନ୍ନାଥଙ୍କ ମୃତ୍ୟୁକୁ



ନେଇ ପରିବାର ଲୋକ ମର୍ମାହତ ହୋଇ ପଡ଼ିଥିବା ବେଳେ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଜଗନ୍ନାଥଙ୍କ ଗୋଟିଏ ୬ ବର୍ଷର ପୁଅ ରାଜ ଓ ଦୁଇ ଝିଅ ନିତ୍ୟା (୩), ଏଲିନା(ଦେଢ଼ ବର୍ଷ) ଓ ସ୍ତ୍ରୀ ଦମୟନ୍ତୀ ପଟେଲ(୨୫) ଅଛନ୍ତି। ଦମୟନ୍ତୀ ଯକ୍ଷ୍ମା ରୋଗରେ ପୀଡିତ ଥିବା ବେଳେ କାମଦାମ କରିପାରୁ ନାହାନ୍ତି। ବର୍ତ୍ତମାନ ତିନି ପୁଅ ଝିଅଙ୍କ ଭବିଷ୍ୟତ ଓ ତାଙ୍କର ପ୍ରତିପୋଷଣକୁ ନେଇ ସେ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ତାଙ୍କର ରାସନ କାର୍ଡ କିମ୍ବା ରହିବା ପାଇଁ ଘର ଖଣ୍ଡେ ନାହିଁ। ଏ ଖବର ପାଇବା ପରେ ଜୟପାଟଣା ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ମୁଣ୍ଡ, ଜୟପାଟଣା ସରପଞ୍ଚ ମୌସୁମୀ ଡଙ୍ଗରି, ୧୧ ନମ୍ବର ୱାର୍ଡ ସଭ୍ୟ ପରିବାରକୁ ଭେଟି ହରିଶ୍ଚନ୍ଦ୍ର ଯୋଜନାରେ ୩୦୦୦ ଟଙ୍କା ସହାୟତା ଦେବା ସହ ଦମୟନ୍ତୀଙ୍କୁ ପେନସନ ବ୍ୟବସ୍ଥା ଓ ଆଗାମୀ ଦିନରେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ସହାୟତା ରାଶି ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏ ନେଇ ସିଡବ୍ଲ୍ୟୁସିଙ୍କୁ ପଚାରିବାରୁ ସେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ବୀରମହାରାଜପୁର ନୂତନ ବସଷ୍ଟାଣ୍ଡ ଉଦ୍‌ଘାଟିତ

**ବୀରମହାରାଜପୁର, ୧୫।୨ (ସମିସ):** ବୀରମହାରାଜପୁରରେ ନବନିର୍ମିତ ଅତ୍ୟାଧୁନିକ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନଫରେନ୍ସ ଜରିଆରେ ଉଦ୍‌ଘାଟନ କରିଛନ୍ତି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହ ଭିସି ମାଧ୍ୟମରେ ଉପସ୍ଥିତ ଥିଲେ। ୩ କୋଟି ୫୦ଲକ୍ଷ ଟଙ୍କାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଓଡ଼ିଶା ରାଜ୍ୟ ପୁିସ ହାଉସିଂ ବୋର୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ନିର୍ମାଣ କରାଯାଇଛି। ଏହି ଅବସରରେ ଏଠାରେ ଅନୁଷ୍ଠିତ ଉତ୍ସବରେ ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲ୍ଲାପାଳ ଅନ୍ୟା ଦାସ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ ଜେନା, ବିଡିଓ ରଘୁନାଥ ପାଣିଗ୍ରାହୀ, ତହସିଲଦାର ଆମୃତଲାଲ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ ପ୍ରମୁଖ ଉପସ୍ଥିତ ଥିଲେ।




## ଦୁଇ ବାଇକ୍ ଧକ୍କାରେ ୫ ଆହତ

**ତୁରେକେଲା, ୧୫।୨ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ପଖନମୁଣ୍ଡା ଛକରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୫ ଜଣକ ଯୁବକ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବେଲପଡ଼ା ଥାନା ଖରବାହାଲି ଗାଁର କୁଶଳ ଠେଲା, କବିତ ଥାନପତି କଦଳୀପଡାସ୍ଥିତ ତାଙ୍କ ସମ୍ପର୍କୀୟ ଘରକୁ ଆସି ଘରକୁ ଫେରୁଥିଲେ। ଏହି ସମୟରେ ଚାଉଳଶୁଖା ଗାଁର ଲାଲୁପ୍ରସାଦ ମେହେର, ତପ୍ରଧୁନ ମେହେର, ଦେବୀପ୍ରସାଦ ମେହେର ବାଇକ ଯୋଗେ କଣ୍ଟାବାଞ୍ଜିରୁ



ଗାଁ ଫେରୁଥିବା ବେଳେ ପଖନମୁଣ୍ଡା ଛକରେ ପୂର୍ବ ବାଇକ୍ ଆରୋହୀଙ୍କ ସହ ଧକ୍କା ହୋଇଥିଲା। ଏଥିରେ ସମସ୍ତ ୫ ଜଣ ଆହତ ହୋଇ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି।

## ବସ୍-ଅଟୋ ଧକ୍କାରେ ୨ ଗୁରୁତର

**ଜହ୍ନାପଙ୍କ, ୧୫।୨ (ସମିସ):** ବାଉଁଶୁଣୀ ନିକଟରେ ଗୁରୁବାର ରାତି ସାଢେ ୮ରେ ଦୁର୍ଘଟଣା ଘଟିଛି। ବସ୍-ଅଟୋ ଧକ୍କାରେ ୨ ଜଣ ଗୁରୁତର ହୋଇଛନ୍ତି। ଏ ଦୁଇ ଜଣ ହେଲେ ସଦେଇପୁର ଗ୍ରାମର ଲୋଚନ ଦନାୟକ ଓ ଅଟୋ ଚାଳକ ବୀରମହାରାଜପୁରର ସଞ୍ଜୀବ ସାହୁ। ସେହିଭଳି ସଦେଇପୁର ଗ୍ରାମର ବଳରାମ ସାହୁ, ଦଶରଥ ନାଏକ ଓ ରାହୁଲ ନାଏକ ସାମାନ୍ୟ ଆହତ ହୋଇଥିଲେ। ଲୋଚନ ଓ ସଞ୍ଜୀବଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବସ୍‌ଟି ଦୁର୍ଘଟଣା ସ୍ଥଳରୁ ଫେରାର ମାରିଛି। ବାଉଁଶୁଣୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଯାତ୍ରୀ ନେଇ ଯାଉଥିବା ରାଜ୍ୟ ପରିବହନ ନିଗମର ଏକ ବସ୍ ସହ ଯାତ୍ରୀବାହୀ ଅଟୋର ଧକ୍କା ହୋଇଥିଲା। ଏହାଫଳରେ ଦୁଇ ଅଟୋ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ବାଉଁଶୁଣୀ ଥାନା ସଦେଇପୁର ଗ୍ରାମର ୪ ଜଣଯାକ ଅଟୋ ଯୋଗେ ମେଣ୍ଟା ଲଢେଇ କରି ଘରକୁ ଫେରୁଥଲେ; ହେଲେ ବାଉଁଶୁଣୀ ନିକଟରେ ଆଗରେ ଯାଉଥିବା ତୀର୍ଥଯାତ୍ରୀ ବସ୍ ସହ ଅଟୋର ଧକ୍କା ହୋଇଥିଲା।

## ୧୦୪ ଅଖଣ୍ଡପ୍ରହର ନାମଯଜ୍ଞ

**ଲଡୁଗାଁ, ୧୫।୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ରେଙ୍ଗାଲପାଲି ପଞ୍ଚାୟତ ଡୋଙ୍ଗରିଗୁଡା ଖେଳ ପଡ଼ିଆରେ ଶ୍ରୀ ଶ୍ରୀ ଶ୍ରୀ ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ସଂଘ ପକ୍ଷରୁ ଅନୁଷ୍ଠିତ ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞରେ ଦୈନିକ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ପୂଜା କମିଟି ପକ୍ଷରୁ ପ୍ରତିଦିନ ଜଣେ ଲେଖାଏଁ ପୂଜାକର୍ତ୍ତାଙ୍କୁ ଅଖଣ୍ଡ ନାମଯଜ୍ଞରେ ପୂଜା କାର୍ଯ୍ୟ କରୁଥିବା ବେଳେ ବୁଧବାର କୋକସରା ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଓ ରିତା ଅଗ୍ରୱାଲ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କମିଟି ପକ୍ଷରୁ ମିନାବଜାର, ବିଭିନ୍ନ ଦୋକାନ ଓ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବ୍ୟବସ୍ଥା କରାଯାଇଛି।

## ବହଳପଦରରେ ଶିଶୁ ପ୍ରତିଭା ମହୋତ୍ସବ

**ବୀରମହାରାଜପୁର, ୧୫।୨(ସମିସ):** ବହଳପଦରରେ ଦଧିବାମନ ଯୁବକ ସଙ୍ଘ ଆନୁକୂଲ୍ୟରେ ଶିଶୁ ପ୍ରତିଭା ମହୋତ୍ସବ 'ମହକ' ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ଗୋପାଳ ସେଠୀ, ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ସୁଧାଂଶୁ ଶେଖର ପ୍ରଧାନ, ସମ୍ପାଦକ ବାବୁଲାଲ ପ୍ରଧାନ, ଯୁବକ ସଂଘର ଉପଦେଷ୍ଟା ସୁରେଶ ମହାକୁର, ଶିକ୍ଷକ ପ୍ରଦୀପ ଜଗଦଲା, ଶଙ୍କର୍ଷଣ ଭୋଇ, ଚନ୍ଦ୍ରଶେଖର ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଜିଲ୍ଲା ବିଜେଡି ଉପସଭାପତି କିଶୋର ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦଳଗତ ଓ ଏକକ ନୃତ୍ୟରେ ପ୍ରାୟ ୧୦୦ ଜଣ ନୃତ୍ୟଶିଳ୍ପୀ ଅଂଶ ଗ୍ରହଣ କରିଥିଲେ। ଯୁଧିଷ୍ଠିର ପ୍ରଧାନ, ଶଙ୍କର୍ଷଣ ଭୋଇ ଓ ପ୍ରଦୀପ ଜଗଦଲା ବିଚାରକ ଭାବେ ଯୋଗଦେଇ ନୃତ୍ୟ ପ୍ରତିଯୋଗୀଙ୍କ ନୃତ୍ୟ ମୂଲ୍ୟାଙ୍କନ କରିଥିଲେ। କୁଞ୍ଜାପାଲିସ୍ଥିତ ବଡଦେଓ ନୃତ୍ୟ ଦଳ ପ୍ରଥମ, ଅମରପାଲି ଭୀମଭୋଇ କଳା ପରିଷଦ ୨ୟ ଓ ବଡ଼ମାଳ ୟୁପି ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛି।

## ଡିଏଭି କଲେଜରେ 'ମୋ ଫେଷ୍ଟ' ସମାରୋହ




**ଟିଟିଲାଗଡ଼, ୧୫।୨ (ସମିସ):** ଟିଟିଲାଗଡ଼ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୋ ଫେଷ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଶିକ୍ଷାଦାନ ସମ୍ପର୍କରେ ମତ ବିନିମୟ କରିଥିଲେ। ଡିଏଭି ମହାବିଦ୍ୟାଳୟରେ ନୂତନ ଶ୍ରେଣୀ କୋଠରୀ, ଛାତ୍ରୀନିବାସ ନିର୍ମାଣ ସହ ନୂତନ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ସମସ୍ତ ଆନୁଷଙ୍ଗିକ ବିକାଶ ନେଇ ତାଙ୍କ ଲକ୍ଷ୍ୟ ରହିଥିବା ମନ୍ତ୍ରୀ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଣବ କିଶୋର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି ଡ. ଦୋଳଗୋବିନ୍ଦ ବିଶି, ଯୁକ୍ତଦୁଇ ଅଧ୍ୟକ୍ଷ ବିଧାନଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଡ. ରମାକାନ୍ତ ବେହେରା ସଭା ପରିଚାଳନା କରିଥିଲେ। ଛାତ୍ର ସଂସଦ ପକ୍ଷରୁ ସଭାପତି ସିପୁନ ପନିକା, ଶିଲ୍ପାରଞ୍ଜନ ପନିକା, ଝସକେତନ ବେହେରା, ସୁଜଳ ପଟ୍ଟନାୟକ, ହିତେନ ବାଗ, ଯଶୋବନ୍ତ ହେର୍ଣ୍ଣା, ଶୋଭାଗିନୀ ପୃଷ୍ଟି, ସୀମା ସାହୁ, ମନିଷା ସାହୁ, ପୁରୁଷୋତ୍ତମ ଖର୍ସେଲ, ଭୋତିକ ବଗର୍ତ୍ତି, ରାଜୀବ ଲୋଚନ ଗୁରୁ, ଗୌରବ ନାଏକ, ଶିବୁ ପୁଟେଲ, ନିତିଶ ପ୍ରଧାନ ସହଯୋଗ କରିଥିଲେ। ଏନସିସି ଅଧିକାରୀ ବେଦବର ରଣା ତଥା ସମସ୍ତ ଏନସିସି ବାହିନୀ ସାମିଲ ଥିଲେ।



ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟଅନୁଷ୍ଠାନର ନୃତ୍ୟାଙ୍ଗନା ମାନଙ୍କ ଦ୍ୱାରା କଳାହାଣ୍ଡିର ମୋହନଗିରୀ ଠାରେ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉପଲକ୍ଷେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଛନ୍ତି।

# ଦେଓଗାଁ, ସିକୁଆଁରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଦେଓଗାଁ, ୧୫।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଓ ସିକୁଆଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ପଞ୍ଚାୟତ ସରପଞ୍ଚ ନିନା ଛତ୍ରିଆଙ୍କ ସଭାପତିତ୍ୱ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ନାଗଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ମୀନା କୁମରୀ ସା, ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର, ସାଲେପାଲି ସମିତିସଭ୍ୟ ଲକ୍ଷ୍ମଣ ମେହେର, ବଡବାହାଲ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ରଣା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ଓଡ଼ିଶା ଜୀବିକା ମିଶନ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ, ଏଫଇଏସ ଆଦି ବିଭିନ୍ନ ବିଭାଗର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସିକୁଆଁ ପଞ୍ଚାୟତରେ ସରପଞ୍ଚ ରାଜକିଶୋର ଭୋଇଙ୍କ ସଭାପତିତ୍ୱ ତଥା ନୋଡାଲଅଧିକାରୀ ବିରେନ୍ଦ୍ର ଛତ୍ରିଆଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇଥିଲେ।




## ଡ୍ରପ୍ ଆଉଟ୍ ଶିକ୍ଷାର୍ଥୀଙ୍କୁ ପଠନ ସାମଗ୍ରୀ ବଣ୍ଟନ

**କୋକସରା, ୧୫।୨(ସମିସ):** ବିଭିନ୍ନ କାରଣରୁ ପାଠତ୍ୟାଗୀ ବାଳକ ବାଳିକାଙ୍କୁ ସରକାର ତରଫରୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦିଆଯାଉଛି। ଏବଂ ସ୍କୁଲ ଠାରୁ ଦୂରେଇ ଯାଇଥିବା ୧୮ ବର୍ଷରୁ କମ ବର୍ଷର ପିଲାଙ୍କ ପାଇଁ ସ୍ୱତନ୍ତ୍ର ପଠନ ଓ ପରୀକ୍ଷା ବ୍ୟବସ୍ଥା କରାଯାଉଛି। ଏହି କ୍ରମରେ କୋକସରା ବ୍ଲକ ଆମପାଣି ପଞ୍ଚାୟତର ଉପାନ୍ତ ନୂଆଗାଁ, ଝୁଲେନବର, କୁଟୁରୁ, ବିରିମୁହାଣ, କାଦୋମଲି ଓ ସିଉନୀ, ଆମପାଣି, ପାତ୍ରବସା ଓ ଜାନୀପଡ଼ା ଆଦି ଗ୍ରାମର ପାଠତ୍ୟାଗୀ ତାଲିକାଭୁକ୍ତ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ କୋକସରା ହାଇସ୍କୁଲରେ ନାମ ଲେଖାଇ ପରୀକ୍ଷା ଦେବାର ବ୍ୟବସ୍ଥା କରି ସେମାନଙ୍କୁ ଦଶମ ଶ୍ରେଣୀ ମଧ୍ୟମ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଗୁରୁବାର ନୂଆଗାଁର ୧୦ ଜଣ ବିଦ୍ୟାର୍ଥୀଙ୍କୁ ଲିଖନ ପଠନ ସାମଗ୍ରୀ ବଣ୍ଟନ କରାଯାଇଛି। ଆମପାଣି ଅଞ୍ଚଳର ପଏଣ୍ଟ ପର୍ସନ ଭାଗ୍ୟବାନ ବାଗଙ୍କ ଦ୍ୱାରା ଏହି ପାଠନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ପୁସ୍ତକ ପାଇବା ପରେ ଉକ୍ତ ବିଦ୍ୟାର୍ଥୀ ମାନଙ୍କ ମନରେ ପାଠ ପଢ଼ାର ଉତ୍କଣ୍ଠା ଜାଗ୍ରତ ହୋଇଛି।

## ସରମୁହାଣ ପଞ୍ଚାୟତରେ ଚାଉଳ ଦୁର୍ନୀତି ଅଭିଯୋଗ

**ବେଲପଡା, ୧୫।୨(ସମିସ):** ବେଲପଡା ବ୍ଲକ ସରମୁହାଣ ଗାଁରେ ଚାଉଳ ଦୁର୍ନୀତି ହୋଇଥିବା ହିତାଧିକାରୀ ଅଭିଯୋଗ ପଞ୍ଚାୟତରେ ଚାଲିଥିବା ପିଡିଏସ ଚାଉଳରେ ପ୍ରତ୍ୟେକ ପରିବାରରୁ ୫ କେଜି ଦାୟିତ୍ୱରେ ଥିବା ଯୋଗାଣ ସହାୟକ କାଟି ଦେଉଛନ୍ତି। ଏନେଇ ପ୍ରତିବାଦ କଲେ କିଛି କହୁ ନ ଥିବା ଗାଁଲୋକ କହିଛନ୍ତି। ଚାଉଳ କୁଆଡେ ଗଲା ପଚାରିବାରୁ ମୂଷା ଖାଇଦେଇ ଥିବା ଗାଁ ଲୋକଙ୍କୁ ଯୋଗାଣ ସହାୟକ କହିଥିବା ଅଭିଯୋଗ ହେଉଛି। ଏନେଇ ବିଡିଓଙ୍କୁ



କରିଛନ୍ତି। ଏନେଇ ଏହାରି ତଦନ୍ତ ଦାବିରେ ଗାଁଲୋକ ବେଲପଡା ବିଡିଓ ରାଜେଶ ମେହେରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହିତାଧିକାରୀଙ୍କ ଅଭିଯୋଗ ଅନୁସାରେ, ସାକ୍ଷାତ କରି ଏହାରି ତଦନ୍ତ କରିବାକୁ ଉକ୍ତ ଗାଁର ନିଜ କଅର, ପରମେଶ୍ୱର ମାଝୀ, ପ୍ରକାଶ ସାହୁ, କେଳିକୁଞ୍ଜ ଭୁଏ, ଜିତୁ ସାହୁଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

# ଜରାସିଂହାରେ ବାରିକ ସମାଜର ଭବନ ଉଦ୍‌ଘାଟିତ

**ଦେଓଗାଁ, ୧୫।୨(ସମିସ):** ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାରେ ବାରିକ ସମାଜର ନବନିର୍ମିତ ଭବନର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବାରିକ ସମାଜର ସଭାପତି ରାଜକୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର, ସମ୍ମାନିତଅତିଥି ଭାବେ ନିଖିଳ ଉତ୍କଳ ବାରିକ ସମାଜର ହୀରାଲାଲ ବେହେରା, ଯୁବନେତା ସମରେନ୍ଦ୍ର ମିଶ୍ର, ଜିଲ୍ଲା ସଭାପତି କଙ୍ଗାଲୁ ବାରିକ, ଉପସଭାପତି ନବୀନ ପଶାୟତ, କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ, କୋଷାଧ୍ୟକ୍ଷ ନନ୍ଦକିଶୋର ବାରିକ, ଜିଲ୍ଲା ସେଲୁନ ସଂଘ ସଭାପତି ଶିଶିର ବେହେରା, ସମିତିସଭ୍ୟ ଅମିତ ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସମାଜର କୌଳିକ ବୃତ୍ତିକୁ କେନ୍ଦ୍ର ସରକାର ବିଶ୍ୱକର୍ମା ଯୋଜନାରେ ସାମିଲ କରିଛନ୍ତି, ସେହିପରି ରାଜ୍ୟ ସରକାର କୌଳିକବୃତ୍ତିକୁ ଅଗ୍ରାଧିକାର ଭିତ୍ତିରେ ଯୋଜନାରେ ସାମିଲକରି ସହାୟତା ପ୍ରଦାନ କରିବାପାଇଁ ଦାବି କରିଥିଲେ। କେନ୍ଦ୍ର ସରକାରଙ୍କ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାପାଇଁ ମନୋନୀତ ହୋଇଥିବା କବି ତଥା ବିଶିଷ୍ଟ ଲେଖକ ବିନୋଦ ପ୍ରସାଦ ପଶାୟତଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନଥିବାରୁ ସେ ଅନୁପସ୍ଥିତ ରହିଥିବା ସ୍ଥଳେ ତାଙ୍କ ନିଖିଳ ଉତ୍କଳ ବାରିକ ସମିତି ସମ୍ବଲପୁରର ଉପସଭାପତି ହୀରାଲାଲ ବେହେରା ସମ୍ବର୍ଦ୍ଧନାପତ୍ର ଗ୍ରହଣ କରିଥିଲେ। ବ୍ଲକ ବାରିକ ସମାଜର ସାଧାରଣ ସମ୍ପାଦକ ଦଶରଥ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।




## ନବୀନ ଓଡ଼ିଶା ସଚେତନତା ଶିବିର

**ବୌଦ୍ଧ, ୧୫।୨(ସମିସ):** ସ୍ଥାନୀୟ ଟାଉନହଲ୍‌ରେ ଗୁରୁବାର 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ପରିଷଦର ସମସ୍ତ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା, ମ୍ୟୁଜିକ ଚେୟାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୁପର୍ଣ୍ଣା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାହୁଲ ପାଲ, ଅମୀୟ ବେହେରା ଏବଂ ସକିଲୁର ରେହମନ ସହଯୋଗ କରିଥିଲେ।

**ସର୍ବଭାରତୀୟ ରାମଧୂନ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**

# କଟକକୁ ହରାଇଲା ସୁନାବେଡ଼ା

**ସୋନପୁର, ୧୫।୨(ସମିସ):** ୧୫ ତମ ଅଲ୍ ଇଣ୍ଡିଆ ରାମଧୂନ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କଟକ ରୋବୋର୍ସ ଆଥଲେଟିକ କ୍ଲବ ଏବଂ ଟିଆଇସି ସୁନାବେଡ଼ା ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। ତେବେ କଟକ ଦଳକୁ ୨-୧ରେ ପରାସ୍ତ କରି ସୁନାବେଡ଼ା ଟିଆଇସି ଦଳ ବିଜୟୀ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ସୁନାବେଡ଼ା ଦଳର ଖେଳାଳି ଗିଟୁ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ସୋନପୁର ବିଡ଼ିଓ ସୌମ୍ୟରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି ଓ ପ୍ରାକ୍ତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ, କାଉନସିଲର ପୀୟୂଷ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ କଟକ ଦଳର ପ୍ରଯୋଜକ ଶଙ୍କର୍ଷଣ ପଟ୍ଟନାୟକ ଓ ସୁନାବେଡ଼ା ଦଳର ପ୍ରଯୋଜକ ପ୍ଲାବନ ମହାପାତ୍ର, ଜିଲ୍ଲା କ୍ରିଡା ସଂଘ ଉପଦେଷ୍ଟା ଶରତ ମହାନ୍ତି, କୃଷ୍ଣ ବାଗ, ଦ୍ୱାରିକା ସାହୁ, ଦିଲ୍ଲୀପ ପାତ୍ର, ସତ୍ୟ ନାରାୟଣ ରାଓ, ସନ୍ତୋଷ ପୂଜାରୀ, ରଞ୍ଜିତ ପଧାନ, ଭବାନୀ ପଟ୍ଟାନାୟକ, ବଳରାମ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଲୀଳ ବେହେରା, ଦିଲ୍ଲୀପ ରାଉତ, ପ୍ରଶାନ୍ତ ବେହେରା, ଜିତେନ୍ଦ୍ର ଥନାପତି ଖେଳ ପରିଚାଳନା କରିଥିଲେ।




**ଜମି ଅଧିଗ୍ରହଣ ବିବାଦ**

# ଅଧପନ୍ତରିଆ କାଉଡୋଳା-ବୋବରିଆ ପ୍ରଧାନମନ୍ତ୍ରୀ ସଡ଼କ

**ଲଡୁଗାଁ, ୧୫।୨(ସମିସ)**

ଜାତୀୟ ରାଜପଥ ୨୬ରୁ କାଉଡୋଳାଠାରୁ ବୋବରିଆ ପର୍ଯ୍ୟନ୍ତ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପ୍ୟାକେଜ ନମ୍ବର ଓଆର ୧୫/୪୯୮ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ଆନନ୍ଦ କୁମାର ଅଗ୍ରୱାଲ କାର୍ଯ୍ୟ ସମ୍ପାଦନ କରିବା ପାଇଁ ତା ୩୦।୭।୨୦୨୨ରୁ କାର୍ଯ୍ୟ ଆରମ୍ଭ ହୋଇ ତା ୨୯।୬।୨୦୨୩ରେ କାର୍ଯ୍ୟ ଶେଷ ହେବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ସୂଚନା ଫଳକରେ ଉଲ୍ଲେଖ ରହିଛି। ହେଲେ ନିର୍ମାଣ ଅବଧି ଶେଷ ହୋଇଥିବା ପରେ ମଧ୍ୟ ଏହି ରାସ୍ତା ନିର୍ମାଣ ବର୍ତ୍ତମାନ ପର୍ଯ୍ୟନ୍ତ ସରିନାହିଁ। ରାସ୍ତା ନିର୍ମାଣରେ ଜମି ଅଧିଗ୍ରହଣ ହୋଇ ନ ଥିବା କାରଣରୁ



ରାସ୍ତାଟି ଅଧପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। କାଉଡୋଳାରୁ ବୋବରିଆ ୧୧.୮୧ କିମି ରାସ୍ତା ନିର୍ମାଣ ପାଇଁ ୪୨୧.୩୭ ଲକ୍ଷ ଟଙ୍କା ବ୍ୟୟଅଟକଳ ରହିଛି। ଏନେଇ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କ ପ୍ରତିକ୍ରିୟା ନେବାରୁ ରାସ୍ତା ନିର୍ମାଣରେ କାଉଡୋଳା-ବୋବରିଆ ରାସ୍ତା ମଝିରେ ରହିଥିବା କିଛି ରଇତାନି ଜମି ଅଧିଗ୍ରହଣ ହୋଇନାହିଁ। ବିଭାଗ ପକ୍ଷରୁ କୋକସରା ତହସିଲଦାରଙ୍କୁ ଜମି ଚିହ୍ନଟ ଓ ଅଧିଗ୍ରହଣ ପାଇଁ ଲେଖାଯାଇଛି। ଚିହ୍ନଟ ଓ ଅଧିଗ୍ରହଣ କାର୍ଯ୍ୟ ଶେଷ ହେଲେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କ ପ୍ରତିକ୍ରିୟା ନେବାରୁ ବିଭାଗ ପକ୍ଷରୁ ତଦନ୍ତ ହୋଇଛି, ରାସ୍ତା ଉପରେ ସ୍ଥାନୀୟ ଲୋକଙ୍କ ରଇତାନି ଜମି ରହିଛି। ତହସିଲ କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ଦିଆଯାଇଛି ବୋଲି ସେ କହିଛନ୍ତି।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ଦେଓଗାଁ/ଟିଟିଲାଗଡ, ୧୫।୨(ସମିସ):** ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାମୂହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ସମୀକ୍ଷା ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପୁଷ୍ପାଞ୍ଜଳି ମେହେର ପିଲାଙ୍କୁ ଉଚିତ ଶିକ୍ଷା ପ୍ରଦାନରେ ପ୍ରତି ଘରେ ମାଁ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ କାମେଶ୍ୱର ମେହେର, ପୂର୍ବତନ ସଭାପତି ଅମୂଲ୍ୟ ମେହେର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଲୋକନାଥ ସେଠ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୁରୁଜୀ ଲିଙ୍ଗରାଜ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

ଗୁରୁବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଭାଇଭଉଣୀମାନଙ୍କ ମା'ମାନେ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ସଭାପତି ଜ୍ୟୋତିପ୍ରକାଶ ଗଡତ୍ୟା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଚାର୍ଯ୍ୟା କାଞ୍ଚନଲତା ବାରିକଙ୍କ ସଂଯୋଜନାରେ ରଞ୍ଜିତା ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁବୋଧ ଶ୍ରେଣୀର ଭଉଣୀମାନେ ନୃତ୍ୟ ପରିବେଷଣ କରିଥିଲେ। ପରିଚାଳନା କମିଟିର ସଦସ୍ୟା ଝୁମିରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

